# ଧାନ ମଣ୍ଡିରେ ଅବ୍ୟବସ୍ଥା; ଉପଜିଲ୍ଲାପାଳଙ୍କୁ ଫେରାଦ

ଭଞ୍ଜନଗର,୫ ।୧(ସମିସ):

ଧାନ ମଣ୍ଡିରେ ଅବ୍ୟବସ୍ଥା ନେଇ ତାତିଛନ୍ତି ଚାଷୀ। ଚାଷୀଙ୍କ ଏହି ସମସ୍ୟା ନେଇ ସୋମବାର ଋଷିକୂଲ୍ୟା ରୟତ ମହାସଭା ପକ୍ଷରୁ ୧୨ ଦଫା ଓ ବେଲଗୁଣ୍ଠା ବ୍ଲକ ନୃସିଂହନାଥ ଚାଷୀ ସଂଗଠନ ପକ୍ଷରୁ ୫ ଦଫା ସମ୍ବଳିତ ଏକ ଦାବିପତ୍ର ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରାଙ୍କୁ ପ୍ରଦାନ କରାଯାଇଛି। ଏ ନେଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଉପଜିଲ୍ଲାପାଳ ଚାଷୀ ସଂଘ ଗୁଡ଼ିକୁ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ଯଦି କୌଣସି ଚାଷୀ ଠକେଇର ଶିକାର ହୁଅନ୍ତି ତେବେ ଲିଖିତ ଭାବେ ଜଣାଇବାକୁ ଉପଜିଲାପାଳ ଚାଷୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ଅପରପକ୍ଷେ ଚାଷୀମାନେ କହିଛନ୍ତି, ଜିଲ୍ଲାର ଅନ୍ୟ ଅଞ୍ଚଳରେ କ୍ୱିଣ୍ଟାଲ ପିଛା ୫ କେଜି କଟନି ଛଟନୀ ନାମରେ କଟାଯାଉନାହିଁ। ଏଥିସହ ଅଖା ପାଇଁ ମଧ୍ୟ ୭୦୦ ଗ୍ରାମ କଟାଯାଉନାହିଁ। କିନ୍ତୁ ଘୁମୁସର ଅଞ୍ଚଳରେ ଏହି ସମସ୍ୟା ଅଧିକ। ମିଲର ମାନେ ସୋସାଇଟି ସମେତ ଅନ୍ୟାନ୍ୟ କର୍ମଚାରୀଙ୍କୁ ହାତ କରି ସେମାନେ ଚାଷୀଙ୍କୁ ଠକୁଛନ୍ତି। ଏଥିସହ ଚାଷୀମାନେ ମଣ୍ଡିରେ ଧାନ ଦେବା ବ୍ୟବସ୍ଥା ଥିବା ବେଳେ କର୍ମଚାରୀମାନେ ମିଲକୁ ସିଧା ନେବା ପାଇଁ ବାଧ କରୁଛନ୍ତି। ଏଥିରେ ଯଦି କୌଣସି ଚାଷୀ ଅବହେଳା କରନ୍ତି ତେବେ ସଂପୃକ୍ତ ଚାଷୀଙ୍କୁ ବିଭିନ୍ନ ପ୍ରକାର ହଇରାଣ କରାଯାଉଛି ବୋଲି ଚାଷୀ ସଂଘ ପକ୍ଷରୁ ଅଭିଯୋଗ ହୋଇଛି।



ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ନିର୍ବାଚନ ପ୍ରତିଶ୍ରୁତି ଅନୁସାରେ ଧାନର ଇନପୁଟ୍ ସହାୟତା ରାଶି ୮୦୦ ଟଙ୍କା ବୃଦ୍ଧି କରିଥିଲେ। ଫଳରେ ଚାଷୀମାନେ ଉତ୍ସାହିତ ହୋଇପଡ଼ିଥିଲେ। ଏଥିସହ କେତେକ ଚାଷୀ ଚାଷ କାର୍ଯ୍ୟ ପ୍ରତି ପୁଣି ମନ ବଳାଇଥିଲେ। କିନ୍ତୁ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ସୋସାଇଟିରେ ଚାଷୀମାନେ ଅନେକ ସମସ୍ୟା ବର୍ତ୍ତମାନ ଭୋଗୁଛନ୍ତି। ବେଲଗୁଣ୍ଠା ବ୍ଲକ ନୃସିଂହନାଥ ଚାଷୀ ସଂଗଠନ ପକ୍ଷରୁ ସଭାପତି ପ୍ରସନ୍ନ କୁମାର ବିଶ୍ୱାଳ, ଉପସଭାପତି ସାନୁଜ ସ୍ୱାଇଁ, ସଂପାଦକ କୃଷ୍ଣଚନ୍ଦ୍ର ପଟ୍ଟନାୟକଙ୍କ ସମେତ ଚାଷୀ ତାରା ବେହେରା, ସୁଦର୍ଶନ ସାହୁ, କୈଳାଶ ଚନ୍ଦ୍ର ସାହୁ, ସନ୍ୟାସୀ ବେହେରା, ଶୁକଦେବ ବାଡତ୍ୟା ପ୍ରମୁଖ ଉପଜିଲ୍ଲାପାଳଙ୍କୁ ଭେଟି ୫ ଦଫା ଦାବିପତ୍ର ଦେଇଛନ୍ତି। ସେହିପରି ଋଷିକୂଲ୍ୟା ରୟତ ମହାସଭା ପକ୍ଷରୁ ସଂପାଦକ ସୀମାଞ୍ଚଳ ନାହାକ, ସୋମନାଥ ନାୟକ, ମହେନ୍ଦ୍ର କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ହାତୀ ଉପଦ୍ରବରେ ବ୍ୟାପକ ଫସଲ ନଷ୍ଟ

କୋଦଳା,୫ ।୧(ସମିସ): ଗଞ୍ଜାମ ଜିଲ୍ଲା ସୁମଣ୍ଡଳ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଅଙ୍ଗାରଗାଁ ପଞ୍ଚାୟତ ନୂଆଁଗଡ଼ ଗ୍ରାମରେ ସୋମବାର ଯସକାଲୁ ହାତୀ ଉପଦ୍ରବ ଫଳରେ ଶୁଖିଲା ଧାନ ବସ୍ତା ଏବଂ କଦଳୀ ବଗିଚା, ନଡ଼ିଆ ଗଛ, ବିଭିନ୍ନ ପ୍ରକାର ପନିପରିବା ଫସଲ ଆଦି ଫସଲ ନଷ୍ଟ ହୋଇଛି। ଗ୍ରାମର ବନିତା ବିଶ୍ୱାଳଙ୍କ ଘର କବାଟ ଭାଙ୍ଗି ବ୍ୟାପକ ପରିମାଣରେ ଶୁଖିଲା ଧାନ ବସ୍ତା ନଷ୍ଟ କରିଛନ୍ତି ହାତୀ ପଲ। ସେହିପରି କହ୍ନେଇ ପ୍ରଧାନ, ତ୍ରିନାଥ ପ୍ରଧାନ, କୃଷ୍ଣ ପ୍ରଧାନ, ଶରତ ବେହେରା, ଧୋବା ବେହେରା, ଦାସ ବିଶ୍ୱାଳଙ୍କ ନଡ଼ିଆ ବଗିଚା ସହ ବିଭିନ୍ନ ପ୍ରକାର ପନିପରିବା ଫସଲ ନଷ୍ଟ କରିଛନ୍ତି। ଏଥିସହିତ ବଳରାମ ପ୍ରଧାନ ନିଜ ଜମିରେ ଫୁଲକୋବି, ପତ୍ରକୋବି, ବାଇଗଣ, ଟମାଟୋ, ମୂଳା, ବିନ, ଅମୃତଭଣ୍ଡା, କଦଳୀ ଆଦି ଫସଲ କରିଥିବା ବେଳେ ହାତୀ ପଲ୍ଲ ବ୍ୟାପକ ନଷ୍ଟ କରିଛନ୍ତି। ଏନେଇ ନୂଆଗଡ଼ ଗ୍ରାମ ଏବଂ ପାଖାପାଖି ଥିବା ଗ୍ରାମରେ ଭୟର ବାତାବରଣ ସୃଷ୍ଟି ହୋଇଛି। କ୍ଷତିଗ୍ରସ୍ତ ମାନଙ୍କୁ ସରକାରୀ ସହାୟତା ପ୍ରଦାନ ନିମନ୍ତେ ଦାବି ହୋଇଛି।

## ଶତାୟୁ ବୃଦ୍ଧଙ୍କ ପରଲୋକ

ପୋଲସରା,୫ ।୧(ସମିସ): ପୋଲସରା ବ୍ଲକ୍ ହାତୀଓଟ ପଞ୍ଚାୟତ ଅନ୍ତର୍ଗତ ପ୍ରାଣଦେଇପୁର ଗ୍ରାମରେ ୧୦୨ ବର୍ଷରେ ଜଣେ ଶତାୟୁ ବୃଦ୍ଧଙ୍କ ପରଲୋକ ଘଟିଛି। ମୃତକ ହେଲେ ଅର୍ଜୁନ ପାଣିଗ୍ରାହୀ। ସେ ଜଣେ ସଫଳ ଚାଷୀ ଥିଲେ ସହ ଧର୍ମ ପରାୟଣ ବ୍ୟକ୍ତି ଭାବେ ପରିଚୟ ସୃଷ୍ଟି କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଦୁଇ ପୁଅ ରମେଶ ଓ ସୁରେନ୍ଦ୍ର, ଝିଅ ପୁର୍ଣ୍ଣବାସୀଙ୍କ ସମେତ ସମସ୍ତ ପରିବାର ବନ୍ଧୁବର୍ଗ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

## କଂଗ୍ରେସ ନେତାଙ୍କ ଆମରଣ ଅନଶନ




ଛତ୍ରପୁର,୫ ।୧(ସମିସ): ହିଞ୍ଜିଳି ନିର୍ବାଚନମଣ୍ଡଳୀର ବିଭିନ୍ନ ପ୍ରସଙ୍ଗ ଗୁଡ଼ିକୁ ପୂରଣରେ ଅଣଦେଖା ନେଇ କଂଗ୍ରେସ ନେତା ରଜନୀକାନ୍ତ ପାଢୀ ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନସନରେ ବସିଛନ୍ତି। ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟରେ ଖାଲି ପଡିଥିବା ପଦବି ପୂରଣ, ହିଞ୍ଜିଳି ତହସିଲ ଅନ୍ତର୍ଭୁକ୍ତ ହିଞ୍ଜିଳି ମୌଜାର ପ୍ଲଟ ନଂ ୩୦୮୧ରେ ଗଢ଼ା ହୋଇଥିବା ଅବୈଧ ଗୃହନିର୍ମାଣ ଉଚ୍ଛେଦ, ବେଆଇନ ମଦଭାଟି ଓ ଦୋକାନ ବନ୍ଦ ଆଦି ବିଭିନ୍ନ ବିଷୟରେ ବହୁବାର ଜିଲ୍ଲା ପ୍ରଶାସନର ଅବଗତ କରାଇଥିଲେ ସୁଦ୍ଧା ତାହା କାର୍ଯ୍ୟ କରାଯାଇ ନାହିଁ। ଏଣୁ ସୋମବାର ବାଧ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନସନରେ ବସିଛନ୍ତି। ଉପରୋକ୍ତ ବିଷୟରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବାର ପ୍ରତିଶ୍ରୁତି ପରେ ହିଁ ଏହି ଅନସନରୁ ଓହରିବି ବୋଲି ଶ୍ରୀ ପାଢୀ କହିଛନ୍ତି।

## ମୃତଦେହ ଉଦ୍ଧାର; ହତ୍ୟା ସନ୍ଦେହ

ହିଞ୍ଜିଳିକାଟୁ ୫ ।୧(ସମିସ): ବେଲଗାଁ ଥାନା ସାହାପୁର ଗ୍ରାମ ନିକଟ ଏକ ବିଲରୁ ପୁଲିସ ଜଣେ ଯୁବକଙ୍କ ଶବକୁ ଜବତ କରିଛି। ଯୁବକଙ୍କ ପରିଚୟ ମିଳିପାରିନାହିଁ। ଏହି ରାସ୍ତା ଦେଇ ଲୋକେ ଯାଉଥିବା ବେଳେ ବିଲ ମଝିରେ ଏକ ମୃତଦେହ ପଡ଼ିଥିବା ଦେଖି ବେଲଗାଁ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳକୁ ଯାଇ ଶବକୁ ଜବତ କରିଛି। ଦିନକ ପୂର୍ବରୁ ଏହି ସ୍ଥାନରେ ପଡ଼ିଥିବା ନେଇ ଅନୁମାନ କରାଯାଉଛି। ତେବେ ଏହା ଏକ ହତ୍ୟା କାଣ୍ଡ ହୋଇଥିବା ନେଇ ମଧ୍ୟ ସନ୍ଦେହ କରାଯାଉଛି। ଏ ନେଇ ବେଲଗାଁ ଥାନାରେ ୧/୨୦୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଲଗାଁ ଥାନା ଅଧିକାରୀ ସ୍ମିତାଞ୍ଜଳି ପ୍ରଧାନ କହିଛନ୍ତି।

## ଓପିଡି ଦୁଇ ଘଣ୍ଟା ବନ୍ଦ; ରୋଗୀ ହନ୍ତସନ୍ତ

ଛତ୍ରପୁର,୫ ।୧(ସମିସ): ଓମସାର ଡକରା କ୍ରମେ ଗଞ୍ଜାମ ଶାଖା ପକ୍ଷରୁ ଏହାକୁ ସମର୍ଥନ ଜଣାଇଛନ୍ତି ଡାକ୍ତର। ୧୮ ଦଫା ଦାବି କରାଯାଉଥିବା ବେଳେ ସରକାର ଏହାକୁ ଅଣ ଦେଖା କରୁଥିଲେ। ରାଜ୍ୟରେ ମଞ୍ଜୁରୀପ୍ରାପ୍ତ ପଦ ଅପେକ୍ଷା ପାଖାପାଖି ଅଧାରୁ ଅଧିକ ଡାକ୍ତର ପଦବୀ ଖାଲି ରହିଛି। ଏହି ପଦବୀ ସବୁ ପୂରଣ କରିବା ସହ ସୁରକ୍ଷା, ମୂଳ ଦରମା ବୃଦ୍ଧି ଭଳି, କ୍ୟାଡେର ଗଠନ, ଡ଼ିପିସି ପୁନଃଗଠନ, ଅନ୍ୟାନ୍ୟ ଦାବି ପାଇଁ ସରକାରଙ୍କ ଅଣଦେଖା ପ୍ରତିବାଦରେ ଆନ୍ଦୋଳନକୁ ଓହ୍ଲାଇଛି ଓଡ଼ିଶା ମେଡିକାଲ ସର୍ଭିସେସ୍ ଆସୋସିଏଶନ (ଓମ୍‌ସା)। ପୂର୍ବରୁ ଏକ ଘଣ୍ଟା ଆନ୍ଦୋଳନ କରାଯାଉଥିବା ସୋମବାର ଠାରୁ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଦିବା ୯ ରୁ ୧୧ଟା ପର୍ଯ୍ୟନ୍ତ ଓପିଡି (ବହିର୍ବିଭାଗ) ରୋଗୀସେବା ବନ୍ଦ କରଯାଇଛି। ଫଳରେ ରୋଗୀ ମାନେ ନାହିଁ ନଥିବା ଅସୁବିଧା ସମ୍ମୁଖୀନ ହୋଇଛନ୍ତି। ଏହି ଚିକିତ୍ସାଳୟ ଉପରେ ଛତ୍ରପୁର ନିର୍ବାଚନ ମଣ୍ଡଳୀ ସହିତ ଖଲ୍ଲିକୋଟ ବ୍ଲକ ଓ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକର ଲୋକ ମାନେ ନିର୍ଭର କରୁଥିବା ବେଳେ ଏପରି ସମସ୍ୟା ଯୋଗୁଁ ବହୁତ ହଇରାଣ ହରକତ ହେଉଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ସରକାର ଡାକ୍ତରଙ୍କ ଦାବି ଗୁଡିକ ଯଥାଶୀଘ୍ର ପୂରଣ କରିବା ସହିତ ରୋଗୀଙ୍କୁ ଉଚିତ ସେବା ଯୋଗାଇବା ନିମନ୍ତେ ସାଧାରଣରେ ଦାବି ହୋଇଛି।

## ଝାଡ଼େଶ୍ୱରରେ ହେବ ବିଶ୍ୱଶାନ୍ତି ମହାଯଜ୍ଞ

ଛତ୍ରପୁର,୫ ।୧(ସମିସ): ଛତ୍ରପୁର ଉପକଣ୍ଠ ହୁମ୍ମା ପଞ୍ଚାୟତ ବୋରିଗାଁ ନିକଟରେ ଥିବା ରାଣୀବର ପାହାଡ ଉପରେ ରହିଛି ବାବା ଶ୍ରୀଶ୍ରୀ ଝାଡ଼େଶ୍ୱର ଶୈବ ପୀଠ। ଏଠାରେ ପ୍ରତ୍ୟେକ ୧୨ ବର୍ଷକୁ ଥରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଆସୁଛି। ଚଳିତ ବର୍ଷ ମହାଯଜ୍ଞ ପାଳନ କରିବା ନିମନ୍ତେ ବିଭିନ୍ନ ପ୍ରସ୍ତୁତି ଆରମ୍ଭ ହୋଇ ସାରିଲାଣି। ଏଥି ନିମନ୍ତେ ପରିଚାଳନା କମିଟି ଗଠନ ହୋଇଛି। ପୀଠକୁ ଅଧିକ ସାଜସଜା କରାଯିବା ସହିତ ଭକ୍ତଙ୍କ ସୁବିଧା ନିମନ୍ତେ ବିଭିନ୍ନ ବ୍ୟବସ୍ଥା କରାଯାଉଛି। ବୋରିଗାଁ ସମେତ ଆଖପାଖ ୮ ଖଣ୍ଡ ଗ୍ରାମବାସୀଙ୍କ ମିଳିତ ପ୍ରସ୍ତୁତି ବୈଠକ ମନ୍ଦିର ପରିସର ମଧ୍ୟରେ ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ବିଶ୍ୱଶାନ୍ତି ମହାଯଜ୍ଞ ଆସନ୍ତା ଫେବୃଆରୀ ମାସ ୯ ତାରିଖ ଠାରୁ ଆରମ୍ଭ ହେବ। ଏହି ଅବସରରେ ନାମ ଯଜ୍ଞ, ଅନ୍ନଯଜ୍ଞ, ଘୃତଯଜ୍ଞ, ଗୀତା ଯଜ୍ଞ ଓ ଗୋ-ଯଜ୍ଞ ଅନୁଷ୍ଠିତ ହେବାକୁ ଯାଉଛି। ୫ଟି ପଞ୍ଚାୟତର ୨୧ ଠାକୁରଙ୍କ ମହାମିଳନ ହେବ ବୋଲି ବୈଠକରେ ଆଲୋଚନା ହୋଇଥିଲା।

## ମନ୍ତ୍ରୀଙ୍କ ଜନ୍ମଦିନରେ ରକ୍ତଦାନ ଶିବିର

ପୋଲସରା,୫ ।୧(ସମିସ): ସୋମବାର ଲୁଣିଘାଟି ପଡିଆଠାରେ "ମିଟୁ ସେନା' ପକ୍ଷରୁ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ (ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ତଥା ଏମଏସଏମଇ ବିଭାଗ)ଙ୍କ ୫୦ ତମ ଜନ୍ମ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ମନ୍ତ୍ରୀ ଶ୍ରୀ ମଲ୍ଲିକ ଯୋଗ ଦେଇ ଆୟୋଜିତ ବିଶାଳ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ଚକ୍ଷୁ ପରୀକ୍ଷା ଶିବିର, ରକ୍ତଦାନ ଶିବିର ଓ ଚାରା ବଣ୍ଟନ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ସମାରୋହରେ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ବିଧାୟକ ନୀଳମଣି ବିଶୋୟୀ, ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାୟ ଏବଂ ବିଧାୟକ ସାରଦା ପ୍ରସାଦ ପ୍ରଧାନ, ଘୁମୁସର ଜିଲ୍ଲା ସଭାପତି ନୀଳମାଧବ ପାତ୍ର ଏବଂ ବରିଷ୍ଠ ବିଜେପି ନେତା ତଥା ପୂର୍ବତନ ଘୁମୁସର ଜିଲ୍ଲା ଉପ-ସଭାପତି ପ୍ରଭାକର ପଣ୍ଡା ଯୋଗ ଦେଇଥିଲେ। ଏହି ଅବସରରେ ଓଡିଆ ଅଭିନେତ୍ରୀ ତଥା କଣ୍ଠଶିଳ୍ପୀ ଅନୁରାଧା ପାଣିଗ୍ରାହୀ ସଙ୍ଗୀତ ପରିବେଷଣ କରିଥିଲେ। କୃଷ୍ଣଚନ୍ଦ୍ର ମହାପାତ୍ର, କେଦାରନାଥ ମହାରଣା, ଗୋପୀନାଥ ସ୍ୱାଇଁ, ମାନସ ପ୍ରଧାନ, ମନୋଜ କୁମାର ଖଟୁଆ ପ୍ରମୁଖ ପରିଚାଳନା କରିଥିବା ବେଳେ ସଫଳତାର ସହିତ ସମାପନ କରିବା ଦିଗରେ ମିଟୁ ସେନାର କର୍ମକର୍ତ୍ତା ପ୍ରକାଶ ମହାରଥା, କାର୍ତ୍ତିକ ମଙ୍ଗଳ, ରାମକୃଷ୍ଣ ପ୍ରଧାନ, ମୋତିରାମ ସାହୁ, ପ୍ରସନ୍ନ ଡାକୁଆ, ପ୍ରଶାନ୍ତ ସାହୁ, କୃଷ୍ଣଚନ୍ଦ୍ର ଜେନା, ସୁଶୀଲ ପ୍ରଧାନ ଏବଂ ଭାଗବାନ ଜେନା ପ୍ରମୁଖ ସହଯୋଗ କରିଥିଲେ।

## ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ଖଲ୍ଲିକୋଟ,୫ ।୧(ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ କେ.ଗୁହାରିଆପାଟ ବସଷ୍ଟପ ବିଶ୍ରାମ ଗୃହ ଭିତରୁ ସୋମବାର ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହକୁ ଉଦ୍ଧାର କରିଛି ପୁଲିସ। ସୋମବାର ଅପରାହ୍ନ ସାଢ଼େ ୨ଟାବେଳେ ସ୍ଥାନୀୟ କିଛି ଲୋକ ବସଷ୍ଟପ ବିଶ୍ରାମ ଗୃହ ଭିତରେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତ ଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏନେଇ ସେମାନେ ଖଲ୍ଲିକୋଟ ଥାନାକୁ ଖବର ଦେଇଥିଲେ। ଥାନା ଏସଆଇ ମାନସୀ ସାହୁ ପୁଲିସ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ତେବେ ମୃତବ୍ୟକ୍ତି ଜଣଙ୍କ ପରିଚୟ ମିଳିପାରି ନଥିବା ବେଳେ ମୃତ୍ୟୁର କାରଣ ମଧ୍ୟ ଅସ୍ପଷ୍ଟ ରହିଛି।

## ଜାତୀୟ ପକ୍ଷୀ ଦିବସରେ ସଚେତନତା




କୁକୁଡାଖଣ୍ଡି,୫ ।୧(ସମିସ): କୁକୁଡ଼ାଖଣ୍ଡିସ୍ଥିତ ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟର ପ୍ରାଣୀ ବିଭାଗ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅଧ୍ୟାପକ ଡ଼. କେ. କ୍ରିଷ୍ଣାରାଜୁ ପାତ୍ରଙ୍କ ସହ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରି ପ୍ରକୃତିର ଅମୂଲ୍ୟ ବରଦାନ ସ୍ୱରୂପ ପକ୍ଷୀମାନଙ୍କ ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଯୁକ୍ତ ତିନି ଶେଷବର୍ଷର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ସଚେତନତାମୂଳକ ନାଟକ ପରିବେଷଣ କରାଯାଇଥିଲା।

## ମୃତ ଛାତ୍ରଙ୍କ ପରିବାରକୁ ଭେଟିଲେ ବିଧାୟକ ପ୍ରତିନିଧି



ବେଲଗୁଣ୍ଠା,୫ ।୧(ସମିସ): ନୂଆ ବର୍ଷ ଆରମ୍ଭରେ ବେଲଗୁଣ୍ଠା କୋଳି ସାହିର ଇଞ୍ଜିନିୟରିଂ ଛାତ୍ର ଏସ୍ ବରୁଣ କୁମାର (୨୧) ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ସୋମବାର ସୋରଡ଼ା ବିଧାୟକଙ୍କ ପ୍ରତିନିଧି ତଥା ଯୁବ ସଂଗଠକ ଜିତେନ୍ଦ୍ର କୁମାର ନାୟକ ଏବଂ ଏନ୍‌ଏସି ସାଂସଦ ପ୍ରତିନିଧି ନାରାୟଣ ସାହୁ ମୃତକଙ୍କ ଘରେ ପହଞ୍ଚି ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି। ଉଭୟ ପ୍ରତିନିଧି ମୃତକଙ୍କ ମାଆ ଏବଂ ମାମୁ ତଥା ଯୁବ ଆଇନଜୀବୀ ଗଗନବିହାରୀ ବିନ୍ଧାଣିରାଙ୍କୁ ସାକ୍ଷାତ କରିଥିଲେ। ସେହିପରି ବିଧାୟକ ପ୍ରତିନିଧି ଶ୍ରୀ ନାୟକ ଏବଂ ସାଂସଦ ପ୍ରତିନିଧି ଶ୍ରୀ ସାହୁ ବେଲଗୁଣ୍ଠା ବ୍ରାହ୍ମଣ ସାହିର ବିଶିଷ୍ଟ ପୁରୋହିତ ସ୍ୱର୍ଗତ ଉତ୍ତରା ପତିଙ୍କ ବାସ ଭବନରେ ପହଞ୍ଚି ତାଙ୍କ ପୁଅ ମିଟୁ ପତି, ଦୁର୍ଗାପ୍ରସାଦ ପତି ଏବଂ ପରିବାର ସଦସ୍ୟଙ୍କୁ ଭେଟି ଶୋକ ଜଣାଇବା ସହିତ ସ୍ୱର୍ଗତ ଉତ୍ତରାଙ୍କର ଅମର ଆତ୍ମାର ସଦଗତି କାମନା କରିଥିଲେ। ସେହି ସମୟରେ ଉଭୟ ପ୍ରତିନିଧିଙ୍କ ସହିତ ବେଲଗୁଣ୍ଠା ନଗର ବିଜେପି ସାଧାରଣ ସମ୍ପାଦକ ସୂର୍ଯ୍ୟନାରାୟଣ ତ୍ରିପାଠୀ, ଯୁବ ମୋର୍ଚ୍ଚା ସଭାପତି ଶଙ୍କର ପାତ୍ର, ବେଲଗୁଣ୍ଠା ପ୍ରେସକ୍ଲବ ସଭାପତି ଶ୍ରୀ ପାତ୍ର, ସମାଜସେବୀ ପ୍ରଫୁଲ୍ଲ ପଣ୍ଡା, ପୂର୍ବତନ ସମିତିସଭ୍ୟ କଂଗ୍ରେସ୍ ରାଉତ, ପ୍ରଭାତ ପତି, ଅଏନ ପତି, ରଞ୍ଜିତ୍ ଗୌଡ଼, ମୋତିଲାଲ ପତି, ଗୁନା ପତିଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

## ୧୪ବର୍ଷରୁ କମ୍ କବାଡ଼ି ଦଳରେ ହିମାଂଶୁ



ପାତ୍ରପୁର,୫ ।୧(ସମିସ): ୧୪ବର୍ଷରୁ କମ୍ ଓଡ଼ିଶା କବାଡି ୧୨ ଜଣିଆ ଦଳ ଘୋଷଣା କରାଯାଇଥିବା ବେଳେ ଗଞ୍ଜାମ ଜିଲ୍ଲା ପାତ୍ରପୁର ସ୍ଥିତ ଶ୍ରୀକରୁଣାକର ନୋଡାଲ ଉଚ୍ଚ ବିଦ୍ୟାଳୟ ୯ମ ଶ୍ରେଣୀର ହିମାଂଶୁ ଶେଖର ସେଠୀ ସ୍ଥାନ ପାଇଛନ୍ତି। ଜିଲ୍ଲାସ୍ତରରେ ବୃନ୍ଦାବନ ବିଦ୍ୟାପୀଠ, ହିଞ୍ଜିଳିକାଟୁ ପକ୍ଷରୁ ଖେଳିଥିବା ବେଳେ ରାଜ୍ୟସ୍ତରରେ ସୁନ୍ଦରଗଡ଼ ଜିଲ୍ଲା ବଣାଇଗଡରୁ ଖେଳିଥିଲେ। ପରବର୍ତ୍ତୀ ସମୟରେ ସେ ଜାତୀୟସ୍ତର ନିମନ୍ତେ ଓଡ଼ିଶା ଦଳରେ ସ୍ଥାନ ପାଇଛନ୍ତି। ଏହି ସଫଳତାର ଶ୍ରେୟ ହିମାଂଶୁ କ୍ରୀଡା ଶିକ୍ଷକ କେଦାର ନାଥ ଅଧିକାରୀ, ବାପା ପ୍ରକାଶ ଚନ୍ଦ୍ର ସେଠୀ ଓ ମା' ରାଜଲକ୍ଷ୍ମୀ ସେଠୀଙ୍କ ଦେଇଛନ୍ତି। ଓଡ଼ିଶା ଦଳରେ ସ୍ଥାନ ପାଇ ଆଗାମୀ ଦିନରେ ରାଜ୍ୟ ପାଇଁ ସୁନାମ ଆଣିବାକୁ ଚେଷ୍ଟା କରିବେ ବୋଲି ହିମାଂଶୁ ପ୍ରକାଶ କରିଛନ୍ତି। ଓଡ଼ିଶା ଦଳରେ ସ୍ଥାନ ପାଇବା ପରେ ହିମାଂଶୁଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ପ୍ରଭାକର ଭଲିବଲ ଟୁର୍ଣ୍ଣାମେଣ୍ଟ: ଗୁମ୍ମା ଚାମ୍ପିଅନ

ଦିଗପହଣ୍ଡି,୫ ।୧(ସମିସ): ଦିଗପହଣ୍ଡି ମିନି ଷ୍ଟାଡିୟମରେ ଗତ ୮ ଦିନ ଧରି ଚାଲିଥିବା ସ୍ୱର୍ଗତ ବି.ପ୍ରଭାକର ରେଡ୍ଡୀ ସ୍ମାରକୀ ଭଲିବଲ ଟୁର୍ଣ୍ଣାମେଣ୍ଟର ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଗଜପତି ଜିଲ୍ଲାର ଗୁମ୍ମା ଗ୍ରାମ ଭଲିବଲ ଟିମ୍ ପ୍ରତିପକ୍ଷ ବ୍ରହ୍ମପୁରର ପାୱାର ସିକ୍ସ ଭଲିବଲ ଟିମ୍‌କୁ ପରାଜିତ କରି ଚାମ୍ପିଅନ ହୋଇଛି। ଫାଇନାଲ ମ୍ୟାଚ୍ ରବିବାର ବିଳମ୍ବିତ ରାତି ପ୍ରାୟ ୧୨ ଟାରେ ସରିଥିଲା। ସ୍ଥାନୀୟ ଖେମୁଣ୍ଡି ସ୍ପୋର୍ଟିଙ୍ଗ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଟୁର୍ଣ୍ଣାମେଣ୍ଟର ଉଦଯାପନ ଉତ୍ସବରେ ଦିଗପହଣ୍ଡି ଏନଏସି ଅଧ୍ୟକ୍ଷ ପ୍ରଫୁଲ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଗୁମ୍ମା ଗ୍ରାମର ଚାମ୍ପିୟନ ଟିମ୍‌କୁ ୩୩,୩୩୩ ଟଙ୍କା ଓ କପ୍ ସିଲ୍ଡ ପ୍ରଦାନ କରିଥିଲେ। ରନର୍ସଅପ୍ ହୋଇଥିବା ପାୱାର ସିକ୍ସ ଟିମ୍‌କୁ ଅନ୍ୟତମ ଅତିଥି ତଥା ଟୁର୍ଣ୍ଣାମେଣ୍ଟ ଆୟୋଜକ କମିଟି ସମ୍ପାଦକ ବିଚିତ୍ରାନନ୍ଦ ପଟ୍ଟନାୟକ ୨୨,୨୨୨ ଟଙ୍କା ଓ କପ୍ ପ୍ରଦାନ କରିଥିଲେ। ସେହିପରି ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି କନ୍ଧମାଳ ଜିଲ୍ଲା ବାରଖମାର ବିଟୁ ଓରଫ ଢ଼ାମଣା ନାୟକଙ୍କୁ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିବା କାଉନସିଲର ଦୀପକ କୁମାର ମିଶ୍ର ରୌପ୍ୟମୁଦ୍ରା ସହ ସାଇକେଲ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ରୂପେ ବରିଷ୍ଠ କ୍ରୀଡାବିତ ଦୁର୍ଗାପ୍ରସାଦ ଦାସ, ସାମାଜିକ କର୍ମୀ ଗଣେଶ ବ୍ରହ୍ମା, ଗଡ଼ଗୋବିନ୍ଦପୁର ପଞ୍ଚାୟତ ସରପଞ୍ଚ ରଞ୍ଜନ କୁମାର ସାହୁ, କାଉନସିଲର ନୀଳମାଧବ ଗୌଡ଼ ପ୍ରମୁଖ ଯୋଗଦେଇ ଉଭୟ ଟିମ୍‌ର ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଆୟୋଜକ କମିଟି ସଭ୍ୟ ବୈକୁଣ୍ଠନାଥ ସ୍ୱାଇଁ, ରଞ୍ଜିତ ବେହେରା, ନରେନ୍ଦ୍ର ସାହୁ, ଆର୍. ମୁନା, ଶିବରୁଦ୍ର ନାୟକ, ସନାତନ ରେଡ୍ଡୀ, ଶଙ୍କର ମହାରଣା, ହୃଦୟ ନନ୍ଦ, କାଳିଆ ରେଡ୍ଡୀ, ରବୀନ୍ଦ୍ର ମାର୍ଥା, ସମ୍ଭୁଜ ଦଳାଇ, ସରୋଜ ଦଳାଇ ପ୍ରମୁଖ ସହଯୋଗ କରିଥିଲେ।

## ପୋଖରୀରେ ବୁଡ଼ି ଯୁବତୀ ମୃତ

ଆସିକା,୫ ।୧(ସମିସ): ଗାଙ୍ଗପୁର ଥାନା ତଥା ଆସିକା ବ୍ଲକ ନିମିନା ଗ୍ରାମର ଜଣେ ଯୁବତୀ ପୋଖରୀରେ ବୁଡି ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ନିମିନା ଗ୍ରାମର ଗୋପୀ ନାୟକଙ୍କ ଝିଅ ରଞ୍ଜୁ ନାୟକ (୩୫)। ସେ ସବୁଦିନ ଭଳି ଗ୍ରାମର ଶେଷ ମୁଣ୍ଡରେ ଥିବା ବେଙ୍ଗେଇ ପୋଖରୀକୁ ଶୌଚ ହେବା ପାଇଁ ଯାଇଥିଲେ। ପୋଖରୀରେ ଶୌଚ ହେଉଥିବା ବେଳେ ଗୋଡ଼ ଖସି ପୋଖରୀ ମଝିକୁ ଚାଲିଯାଇ ଥିଲେ। ଦୀର୍ଘ ସମୟ ପରେ ଘରକୁ ନଫେରିବାରୁ ପରିବାର ଲୋକ ଖୋଜା ଖୋଜି କରି ଉକ୍ତ ପୋଖରୀରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ତାଙ୍କୁ ଆସିକା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ଦାଦା ଡ଼ମ୍ବୁରୁଧର ନାୟକ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ ଅଭିଯୋଗ

## କ୍ଷତିପୂରଣ ଦାବିରେ ଅଞ୍ଚଳବାସୀଙ୍କ ରାସ୍ତାରୋକ

ଧରାକୋଟ,୫ ।୧(ସମିସ):

ଧରାକୋଟ ବ୍ଲକର ମାଣିକପୁରରେ ଡାକ୍ତରଙ୍କ ଅନୁପସ୍ଥିତି ଓ ବିଳମ୍ବ ଚିକିତ୍ସା ଯୋଗୁଁ ଜଣେ ଗୁରୁତର ରୋଗୀର ମୃତ୍ୟୁ ହୋଇଥିବା ଅଭିଯୋଗ କରି ସ୍ଥାନୀୟ ଲୋକେ ଦୀର୍ଘ ପାଞ୍ଚ ଘଣ୍ଟା ଧରି ଶେରଗଡ଼ ବଡଗଡ଼ ସୋରଡା ରାସ୍ତା ଅବରୋଧ କରିବା ଘଟଣା ଏକ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ମାଣିକପୁର ଗ୍ରାମର ବାସୁଦେବ ମିଶ୍ର ନିଜ ଟ୍ରାକ୍ଟରରେ ସିମେଣ୍ଟ ବୋଝେଇ କରି ନିକଟସ୍ଥ ଦୁର୍ଗାମାଧବପୁର ଗାଁକୁ ଯାଇଥିଲେ। ଏହି ଟ୍ରାକ୍ଟରରେ ସେହି ଗାଁର ଜିତେନ୍ଦ୍ର ବିଷୋୟୀ(୪୦) ଶ୍ରମିକ ଭାବରେ ଯାଇଥିଲେ। ସିମେଣ୍ଟ ଅନ୍‌ଲୋଡ୍ ପରେ ବାସୁଦେବ କିଛି ଦୂରରେ ଥିବାବେଳେ ଶ୍ରମିକ ଜିତେନ୍ଦ୍ର ଅଚାନକ ଗାଡ଼ିକୁ ଷ୍ଟାର୍ଟ କରି ଆଗକୁ ନେଉଥିଲେ। ମାତ୍ର ଭାରସାମ୍ୟ ହରାଇ ୨୦ ଫୁଟ ତଳକୁ ଟ୍ରାକ୍ଟର ଖସି ପଡ଼ିଥିଲା। ଟ୍ରାକ୍ଟର ତଳେ ଜିତେନ୍ଦ୍ର ଚାପି ହୋଇ ରହିଯାଇଥିଲେ। ଲୋକେ ତୁରନ୍ତ ଆମ୍ବୁଲାନ୍ସ ଓ ପୁଲିସକୁ ଖବର ଦେଇଥିଲେ। ହେଲେ ଠିକ ସମୟରେ ଆମ୍ବୁଲାନ୍ସ କିମ୍ବା ପୁଲିସ ପହଞ୍ଚି ପାରିନଥିଲେ। ଧୀରେ ଧୀରେ ଲୋକଙ୍କ ଭିତରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ଜିତେନ୍ଦ୍ରଙ୍କୁ ମାଣିକପୁର ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ନଥିବାରୁ ଉତ୍ତେଜନା ଆହୁରି ବଢ଼ିଥିଲା। ଏହି ସମୟରେ ଜିତେନ୍ଦ୍ରଙ୍କ ମୃତ୍ୟୁ ହୋଇଯାଇଥିଲା। ଦୁଇ ଘଣ୍ଟା ପରେ ଡାକ୍ତର ସେଠାରେ ପହଞ୍ଚିଥିଲେ। ଠିକ ସେହିପରି ବଡ଼ଗଡ଼ ଥାନାକୁ ତୁରନ୍ତ ଦୁର୍ଘଟଣା ସମ୍ପର୍କରେ ଖବର ଦିଆଯାଇଥିଲେ ମଧ୍ୟ ପୁଲିସ ବହୁ ବିଳମ୍ବରେ ପହଞ୍ଚିଥିଲା। ଡାକ୍ତର, ପୁଲିସ ଓ ଆମ୍ବୁଲାନ୍ସର ବିଳମ୍ବ ଓ ଉପଯୁକ୍ତ କ୍ଷତିପୂରଣ ଦାବିରେ ଉତ୍ୟକ୍ତ ଲୋକେ ଦିନ ୧୨ଟାରୁ ୫ ଘଣ୍ଟା ପର୍ଯ୍ୟନ୍ତ ରାସ୍ତା ଅବରୋଧ କରିଥିଲେ। ଘଟଣାସ୍ଥଳକୁ ଧରକୋଟ ତହସିଲଦାର ଲମ୍ବୋଦର ମାରାଣ୍ଡି, ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଏମଭିକେ ଅଶୋକ, ବଡ଼ଗଡ଼ ଥାନା ଅଧିକାରୀ ଶୁଭ୍ରଜିତ ସାମନ୍ତରାଏ, ସରପଞ୍ଚ ପ୍ରତିନିଧି ଶାନ୍ତନୁ ବିଷୋୟୀ, ସମିତି ସଭ୍ୟ ପ୍ରସନ୍ନ ପଟ୍ଟନାୟକ ପ୍ରମୁଖ ପହଞ୍ଚି ଉତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ। ରେଡକ୍ରସ ତରଫରୁ ଜିତେନ୍ଦ୍ରଙ୍କ ପରିବାରକୁ ୩୦ ହଜାର ଟଙ୍କା, ହରିଚନ୍ଦ୍ର ଯୋଜନାରୁ ୩ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଲୋକଙ୍କ ଦାବି ଅନୁଯାୟୀ ମାଣିକପୁର ଡାକ୍ତରଙ୍କୁ ତୁରନ୍ତ ପରିବର୍ତ୍ତନ ସହ ସେଠାରେ ୧୦୮ ଆମ୍ବୁଲାନ୍ସ ସ୍ଥାୟୀ ଭାବରେ ରହିବା ବ୍ୟବସ୍ଥା କରିବାକୁ ଦାବି ହୋଇଥିଲା। ଦାବି ସମ୍ପର୍କରେ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀଙ୍କ ସହ ଆଲୋଚନା ବେଳେ ଏହି ସମସ୍ୟାର ସମାଧାନ ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବେ ଓ ସମାଧାନ ପାଇଁ ଚେଷ୍ଟା କରିବେ ବୋଲି ପ୍ରକାଶ କରିଥିଲେ।









## ଖରିଫ ଧାନ ବିକ୍ରିରେ ସମସ୍ୟା

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଚାଷୀଙ୍କ ଦାବିପତ୍ର ପ୍ରଦାନ

ପାରଳାଖେମୁଣ୍ଡି,୫ ।୧(ସମିସ)



ଗଜପତି ଜିଲ୍ଲାରେ ସରକାରଙ୍କ ଖରିଫ ଧାନକ୍ରୟରେ ହେଉଥିବା ବ୍ୟତିକ୍ରମକୁ ନେଇ ଆଜି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗଜପତି ଜିଲ୍ଲା ପ୍ରଶାସନ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଆଜି ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜନଅଭିଯୋଗ ଶୁଣାଣିରେ ଗୋଷାଣି ବ୍ଲକର ଚାଷୀ ମହଲ ଏହି ଦାବିପତ୍ର ପ୍ରଦାନ କରିଥିଲେ । ଗତ କିଛି ବର୍ଷ ଧରି ଖରିଫ ଧାନ ସଂଗ୍ରହ ସମୟରେ ଚାଷୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଉଲ୍ଲେଖ କରିଛନ୍ତି । ଜିଲ୍ଲାରେ ଧାନମଣ୍ଡିର ଉଦଘାଟନ ଡିସେମ୍ବର ୩୦ ତାରିଖରେ ହୋଇଥିଲେ ହେଁ ଆଜି ପର୍ଯ୍ୟନ୍ତ ଧାନମଣ୍ଡିରେ ଧାନକ୍ରୟ କରାଯାଇନି । ଏନେଇ କେତେକ ଚାଷୀଙ୍କୁ ଟୋକେନ୍ ମଧ୍ୟ ପ୍ରଦାନ କରାଯାଇଛି । ହେଲେ ଧାନ ଏପର୍ଯ୍ୟନ୍ତ ମଣ୍ଡିକୁ ଯାଇନି । ଯୋଗାଣ ବିଭାଗ ମାଧ୍ୟମରେ ଚାଷୀଙ୍କଠାରୁ ସରକାରଙ୍କ କ୍ରୟ ପ୍ରକ୍ରିୟା ସାଧାରଣତଃ ଅମଳ ପରେ ତୁରନ୍ତ ଆରମ୍ଭ କରାଯିବ କଥା । ତଥାପି ଜିଲ୍ଲାରେ ପ୍ରତିବର୍ଷ ଧାନକ୍ରୟ ଜାନୁଆରୀ ମାସର ଦ୍ୱିତୀୟ ସପ୍ତାହରୁ ଆରମ୍ଭ କରି ମାର୍ଚ୍ଚ ପର୍ଯ୍ୟନ୍ତ ହେଉଉଛି । ଏପରି ବିଳମ୍ବ ଯୋଗୁଁ ଚାଷୀ ଘୋର ଆର୍ଥିକ ଅନାଟନର ସମ୍ମୁଖୀନ ହେଉଛନ୍ତି । ଜିଲ୍ଲାର ବିଶେଷ କରି ଗୋଷାଣି ଓ କାଶୀନଗର ବ୍ଲକର ବହୁ ଚାଷୀ ଜାନୁଆରୀ ୧୪ ତାରିଖରେ ମକରସଂକ୍ରାନ୍ତି ପାଳନ କରନ୍ତି । ଏହି ବ୍ଲକାଞ୍ଚଳରେ ମୁଖ୍ୟକରି ଚାଷ ଉପରେ ନିର୍ଭର କରି ମୁଖ୍ୟ ଉପାର୍ଜନ । ତେଣୁ ଅମଳ ଧାନକୁ ବିକ୍ରି କରି ଏହି ଗଣପର୍ବ ପାଳନ କରିଥାନ୍ତି । ହେଲେ ଜିଲ୍ଲାରେ ଏପରି ବିଳମ୍ବରେ ଧାନମଣ୍ଡି ପରିଚାଳିତ ହେଉଥିବାରୁ ଚାଷୀ ଧାନବିକ୍ରି ନ କରିପାରି ହାତ ଖାଲି କରି ପର୍ବପାଳନ କରୁଛନ୍ତି ବୋଲି ଜଣାଇଛନ୍ତି । ଏହା ବ୍ୟତୀତ ଚାଷୀଙ୍କ ଧାନ ଜମିରୁ ଧାନ ଉଠାଣ ପାଇଁ ସମବାୟ ସମିତି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ସମୟସୀମାରେ ସେମାନଙ୍କର କର୍ତ୍ତବ୍ୟ ପାଳନ କରୁନାହାନ୍ତି । ସେମାନେ ଧାନର ସୁରକ୍ଷିତ ସଂରକ୍ଷଣ ଏବଂ ପରିବହନ ପାଇଁ ଚାଷୀମାନଙ୍କୁ ଧାନ ବସ୍ତା ମଧ୍ୟ ପ୍ରଦାନ କରୁନାହାନ୍ତି । ଫଳସ୍ୱରୂପ, ଚାଷୀମାନେ ବସ୍ତା କିଣିବା, ଓଜନ କରିବା, ଲୋଡିଂ ଏବଂ ମିଲ୍ ପରିସରକୁ ଧାନ ପରିବହନ ପାଇଁ ସମସ୍ତ ଖର୍ଚ୍ଚ ବହନ କରିବାକୁ ବାଧ ହେଉଛନ୍ତି । ମିଲରମାନଙ୍କ ପାଖରେ ପହଞ୍ଚିବା ପରେ, ଚାଷୀ ଆହୁରି ଶୋଷଣର ସମ୍ମୁଖୀନ ହେଉଥିବା କହିଛନ୍ତି । କାରଣ ଅନେକ ମିଲର କ୍ୱିଣ୍ଟାଲ ପ୍ରତି ୩ କିଲୋଗ୍ରାମ ଅତିରିକ୍ତ ପ୍ରଦାନ ନ କଲେ ଧାନ ଗ୍ରହଣ କରିବାକୁ ମନା କରୁଛନ୍ତି । ଏହା ସହ ସରକାରୀ ନିୟମାନୁଯାୟୀ ଚାଷୀ ମଣ୍ଡିରେ ସିଧାସଳଖ ଦେବା କଥା । ହେଲେ ଗଜପତିରେ ପ୍ରଥମେ ଧାନମଣ୍ଡି ବା ସମବାୟ ସମିତିରେ ଚାଷୀ ଧାନ ଦେବା ପରେ ମିଲରଙ୍କ ପାଖକୁ ମଧ୍ୟ ଧାନ ନେବାକୁ କୁହାଯାଉଛି । ଯାହାକି ଖୋଲାଖୋଲି ଭାବେ ସରକାରୀ ନିୟମକୁ ଉଲ୍ଲଂଘନ କରାଯାଉଛି । ତେଣୁ ଜିଲ୍ଲାରେ ଚାଷୀଙ୍କୁ ଅନାବଶ୍ୟକ ଖର୍ଚ୍ଚ ବହନ କରିବାକୁ ବାଧ ନକରି ସୋସାଇଟି ପରିସର କିମ୍ବା ନିର୍ଦ୍ଦିଷ୍ଟ କ୍ରୟ ପଏଣ୍ଟରୁ ଧାନ ଉଠାଣ କରିବା, ମିଲରମାନଙ୍କ ଦ୍ୱାରା ଶୋଷଣକୁ ରୋକିବା ଏବଂ ସରକାରଙ୍କ ଦ୍ୱାରା ନିର୍ଦ୍ଦେଶିତ କ୍ରୟ ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ଲାଗୁ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଯଦି ଗଜପତିରେ ଚାଷୀଙ୍କ ସମସ୍ୟା ପ୍ରତି ପୁଣି ଅଣଦେଖା କରାଯାଏ ଏବଂ ଜାନୁଆରୀ ୭ ତାରିଖ ସୁଦ୍ଧା ଧାନକ୍ରୟ କରାନଯାଏ ତାହାହେଲେ ୮ ତାରିଖ ଦିନ ଗୋଷାଣି ବ୍ଲକର ସାରିଆପଲ୍ଲୀ ସ୍ଥିତ ରାଜରାସ୍ତା ଅବରୋଧ କରି ଆନ୍ଦୋଳନ କରାଯିବ ବୋଲି ଚାଷୀ ତଥା ଯୁବନେତା ବରପ୍ରସାଦ ନାଇଡୁ କହିଛନ୍ତି ।

## କାଶୀନଗରରେ ବୁଲା କୁକୁରଙ୍କ ଆତଙ୍କ



କାଶୀନଗର,୫।୧(ସମିସ): ଗଜପତି ଜିଲ୍ଲା କାଶୀନଗର ସହରରେ ବୁଲା କୁକୁରଙ୍କ ଆତଙ୍କରେ ଲୋକେ ରହଛନ୍ତି । ଗତ କିଛି ମାସ ହେଲା ସହରର ବିଭିନ୍ନ ଅଞ୍ଚଳରେ ମାଳ ମାଳ କୁକୁର ଏକାଠି ହୋଇ ବୁଲି ଆତଙ୍କ ସୃଷ୍ଟି କରୁଥିବା ଦୃଶ୍ୟ ସାମ୍ନାକୁ ଆସିଛି । ବୁଲା କୁକୁରଙ୍କ ଭୟରେ ଲୋକେ ବାହାରକୁ ଯିବା ପାଇଁ ଭୟ କରୁଛନ୍ତି । ସନ୍ଧ୍ୟା ହେଲେ ବୁଲା କୁକୁରର ଭୟସୃଷ୍ଟି ହେଉଥିବା ବେଳେ ଅଞ୍ଚଳର ବୃଦ୍ଧା ହେଉକି ଛାତ୍ରଛାତ୍ରୀ ସ୍କୁଲ ଟିୟୁସନ୍ ଯିବା ଆସିବାରେ ବହୁ ଅସୁବିଧା ତଥା କୁକୁର ଭୟରେ ଆତଙ୍କିତ ହେଉଥିବା ଅଭିଯୋଗ ହେଉଛି । ଗତ ଦୁଇ ଦିନରେ ଅଞ୍ଚଳରେ ୬ଜଣ ଲୋକ ଓ ଛାତ୍ରଛାତ୍ରୀ ମାନେ କୁକୁର ଆତଙ୍କର ଶିକାର ହୋଇଥିବା ବେଳେ କେବେ କୁକୁରଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବ ତାହା ପ୍ରଶ୍ନ ହୋଇଛି । ସାହି ଗଳିରେ ମାଳ ମାଳ କୁକୁର ବୁଲୁଥିବା ଯୋଗୁ ଛୋଟ ଛୋଟ ପିଲାଙ୍କ ପ୍ରତି ବିପଦ ସୃଷ୍ଟି କରୁଛି । ଏସମ୍ପର୍କରେ ଏନଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେଉନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ଖୁବଶୀଘ୍ର ବୁଲା କୁକୁରଙ୍କୁ ହଟାଇବା ପାଇଁ ଦାବି ହେଉଛି ।

## ଡାକ୍ତରଙ୍କ ଆନ୍ଦୋଳନ; ଦୁଇ ଘଣ୍ଟା ଓପିଡି ବନ୍ଦ




ରାଇକିଆ,୫।୧(ସମିସ): ସାରା ରାଜ୍ୟରେ ମଞ୍ଜୁରିପ୍ରାପ୍ତ ପଦ ଅଧାରୁ ଅଧିକ ଖାଲି ରହିଛି । ଏହି ପଦ ପୂରଣ କରିବା ସହ ଅନ୍ୟ କିଛି ଦାବି ପାଇଁ ସରକାରଙ୍କ ଅଣଦେଖା ପ୍ରତିବାଦରେ ଆନ୍ଦୋଳନକୁ ଓହ୍ଲାଇଛି ଓଡ଼ିଶା ମେଡ଼ିକାଲ ସର୍ଭିସେସ୍ ଅସୋସିଏସନ୍ । ଡିସେମ୍ବର ୨୬ ତାରିଖ ଠାରୁ ଏକ ଘଣ୍ଟା ବହିଃର୍ବିଭାଗ ରୋଗୀ ସେବା ବନ୍ଦ କରଯାଇଛି । ଏହାକୁ ସମର୍ଥନ ଜଣାଇ ରାଇକିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରତ୍ୟେକ ଦିନ ସକାଳ ୧୦ ଟା ରୁ ୧୧ ଟା ପର୍ଯ୍ୟନ୍ତ ବହିଃର୍ବିଭାଗ ରୋଗୀ ସେବା ବନ୍ଦ ରହୁ ଥିଲା । ଆସୋସିଏସନ୍ର ନିଷ୍ପତ୍ତି କ୍ରମେ ସୋମବାର ଠାରୁ ୨ ଘଣ୍ଟା ରୋଗୀ ସେବା ବନ୍ଦ କରାଯାଇଛି । ଏଥିଯୋଗୁଁ ବହିବିଭାଗରେ ରୋଗୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଆନ୍ଦୋଳନ ପ୍ରତ୍ୟାହାର ଏବଂ ପରବର୍ତ୍ତି ନିଷ୍ପତ୍ତି ପର୍ଯ୍ୟନ୍ତ ଏହିପରି ପ୍ରତ୍ୟେକ ଦିନ ଦୁଇ ଘଣ୍ଟା ସେବା ବନ୍ଦ ରହିବ ବୋଲି ରାଇକିଆ ମେଡିକାଲ ଇନ୍ ଚାର୍ଜ ପ୍ରକାଶ କରିଛନ୍ତି ।

## ଦୁଇ ଦିନିଆ ଜନଜାତି ସମ୍ମେଳନ ଉଦ୍‌ଘାଟିତ



ଦାରିଙ୍ଗବାଡ଼ି,୫।୧(ସମିସ): କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଜାଗୃତି କାର୍ଯ୍ୟାଳୟ ପରିସରରେ ଦୁଇ ଦିନିଆ ଜନଜାତି ସମ୍ମେଳନ ଉଦଘାଟିତ ହୋଇଛି । ଏଥିରେ ମୁଖ୍ୟଅତିଥି ଭାବେ ଜନଜାତି ସମ୍ପ୍ରଦାୟର ବରିଷ୍ଠ ଚାଷୀ ତିଲମା ପ୍ରଧାନ ଯୋଗ ଦେଇଥିବା ବେଳେ ଜାଗୃତି ସମ୍ପାଦକ କୈକାସ ଚନ୍ଦ୍ର ଦଣ୍ଡପାଟ ଯୋଗଦେଇ ଏହି ସମ୍ମେଳନର ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ ।

ଏହି ଅବସରରେ ବୃକ୍ଷକୁ ରକ୍ଷା ବନ୍ଧନ ସହ ଗଛ ହିଁ ଜୀବନ ଓ ଜନଜାତିଙ୍କ ଜୀବିକା ଜୀବନକୁ ଜଙ୍ଗଲରୁ ସଂଗୃହୀତ ସାମଗ୍ରୀ ସ୍ୱାବଲମ୍ବୀ କରୁଥିବାରୁ ଜଙ୍ଗଲର ଗୁରୁତ୍ୱ ସମ୍ପର୍କରେ କୁହାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗମା ପ୍ରଧାନ, ଲେଜ ପ୍ରଧାନ, ଜ୍ୟୋତିରାଜ ପ୍ରଧାନ, ବାଡାବାଙ୍ଗା ସରପଞ୍ଚ ପ୍ରସନ୍ନ ପ୍ରଧାନ, ଗୋବିନ୍ଦ ପ୍ରଧାନ, ପୂର୍ବତନ ସରପଞ୍ଚ ସୁଜାତ ପତ୍ରା, ପୂର୍ବତନ ସମିତିସଭ୍ୟା ମମିତା ପ୍ରଧାନ, ପୂର୍ବତନ ସମିତି ଅଧ୍ୟକ୍ଷ ବକଲା ପ୍ରଧାନ ମଞ୍ଚାସୀନ ରହି ଜନଜାତିଙ୍କ ସମ୍ପର୍କରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମକୁ ମନୋଜ ନାୟକ ଏବଂ ପ୍ରଦୀପ କହଁର ପରିଚାଳନା କରିଥିଲେ । ଜାଗୃତିର କାର୍ଯ୍ୟକ୍ରମ ଅଧିକାରୀ ସଦାନନ୍ଦ ସିଂ, ଧ୍ରୁବ ଚରଣ ନାୟକ, ଅନ୍ତରଙ୍ଗ ଯୁବ ମହାସଂଘର ଜିଲା ସଭାପତି ଦିଲୀପ ସାହୁ, ଧନେଶ୍ୱର ସାହୁଙ୍କ ସମେତ ଅନ୍ୟ କର୍ମଚାରୀ ପରିଚାଳନା କରିଥିଲେ ।

## ବିଜେପିର ଜିଲ୍ଲା ସାଂଗଠନିକ ବୈଠକ

ଦାରିଙ୍ଗବାଡି, ୫।୧(ସମିସ): କନ୍ଧମାଳ ଜିଲା ଦାରିଙ୍ଗବାଡି ସ୍ଥିତ ରାଣୀଦୁର୍ଗା କଲ୍ୟାଣମଣ୍ଡପ ପରିସରରେ ସୋମବାର ବିଜେପିର ଜିଲ୍ଲା ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ପଣ୍ଡିତ ବିଶିମାଝିଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିବା ବେଳେ ଜିଲ୍ଲା ସାଧାରଣ ସମ୍ପାଦକ ସୁକାନ୍ତ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ । ମୁଖ୍ୟଅତିଥି ଭାବେ କନ୍ଧମାଳ ଜିଲା ପ୍ରଭାରୀ ପୃଥ୍ୱୀରାଜ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଫୁଲବାଣୀ ବିଧାୟକ ଉମା ଚରଣ ମଲିକ, ପୂର୍ବତନ ଜିଲ୍ଲା ସଭାପତି ଜଗନ୍ନାଥ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପଦ୍ମ ଚରଣ ଦାସ, ଜିଲା ସାଧାରଣ ସମ୍ପାଦକ ସଞ୍ଜିତ ମଣ୍ଡଳ, ଦେବେନ୍ଦ୍ର, ଲିଙ୍ଗରାଜ ଦଳବେହେରା, ପୂର୍ବତନ ବିଧାୟିକା ଅଜୟନ୍ତୀ ପ୍ରଧାନ, ଜି. ଉଦୟଗିରି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟିକା ଅର୍ଚ୍ଚନା ପ୍ରଧାନ, ପୂର୍ବତନ ବିଧାୟକ ପ୍ରାର୍ଥୀ ପ୍ରଧାନ, କଳ୍ପନା କହଁର ମଞ୍ଚାସୀନ ଥିଲେ ।

## ମୁଖ୍ୟ ଶାସନ ସଚିବଙ୍କୁ ଭେଟିଲେ ପାରଳାଖେମୁଣ୍ଡି ବିଧାୟକ



ପାରଳାଖେମୁଣ୍ଡି,୫ ।୧(ସମିସ): ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ ଆଜି ସାକ୍ଷାତ କରିଛନ୍ତି ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ । ରାଜ୍ୟର ପ୍ରଶାସନିକ ମୁଖ୍ୟ ଭାବେ ଶ୍ରୀମତୀ ଗର୍ଗ ପ୍ରଥମ ମହିଳା ମୁଖ୍ୟ ଶାସନ ସଚିବ ହୋଇଥିବାବେଳେ ତାଙ୍କୁ ବିଧାୟକ ଶୁଭେଚ୍ଛା ଜଣାଇଥିଲେ । ଏହି ଅବସରରେ ଜିଲ୍ଲାର ବିଭିନ୍ନ ଉନ୍ନୟନ ପ୍ରକଳ୍ପ, ଅନୁଦାନ ଏବଂ ଚାଷୀଙ୍କ ଲାଗି ରହିଥିବା ସମସ୍ୟା ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ଗଜପତି ଏକ ଆଦିବାସୀ ବହୁଳ ଏବଂ କେନ୍ଦ୍ର ସରକାରଙ୍କ ଆକାଂକ୍ଷା ଜିଲ୍ଲାରେ ସ୍ଥାନ ପାଇଥିବାରୁ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଅନୁରୋଧ କରିଥିଲେ । ବିଶେଷ କରି ଜିଲ୍ଲାପାଳ ପଦରେ ଜଣେ ଆଇଏଏସ୍‌ଙ୍କୁ ନିଯୁକ୍ତ ଦେବା ପାଇଁ ଅନୁରୋଧ କରିଥିଲେ । ପ୍ରତିକ୍ରିୟାରେ ନୂତନ ଜିଲ୍ଲାପାଳ ଭାବେ ଜଣେ ଆଇଏଏସ୍‌ଙ୍କୁ ଦାୟୀତ୍ୱ ଦିଆଯାଇଥିବା କହିଥିଲେ ମୁଖ୍ୟ ଶାସନ ସଚିବ । ବାରମ୍ବାର ଜିଲ୍ଲାପାଳଙ୍କ ବଦଳି ଯୋଗୁଁ ଜିଲ୍ଲାର ବିକାଶ ମୂଳକ କାର୍ଯ୍ୟର ଅଗ୍ରଗତିରେ ବାଧା ସୃଷ୍ଟି ହେଉଥିବା ବିଧାୟକ ମୁଖ୍ୟଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଯାହାକୁ ନେଇ ମୁଖ୍ୟଶାସନ ସଚିବ ଶ୍ରୀମତୀ ଗର୍ଗ ଆଗାମୀ ସମୟରେ ସେଥିପ୍ରତି ଧ୍ୟାନ ଦେବାକୁ ପ୍ରତିଶ୍ରୁତି ଦେଇଥିବା ବିଧାୟକ ଶ୍ରୀ ପାଣିଗ୍ରାହୀ ସୂଚନା ଦେଇଛନ୍ତି ।

## ନୂଆପଦର ଆଖଣ୍ଡଳମଣି ମନ୍ଦିରରୁ ଚୋରି

**ରୁପା ଛତ୍ର ସହ ସୁନା ଲକେଟ୍ ନେଇଗଲେ ଦୁର୍ବୃତ୍ତ**

ଫିରିଙ୍ଗିଆ,୫।୧(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍ ନୂଆପଦର ପଞ୍ଚାୟତ କୁଟ୍ରୁସୁଗା ଆଖଣ୍ଡଳମଣି ମନ୍ଦିରରୁ ଗତ ରାତିରେ ତାଲା ଭାଙ୍ଗି ଚୋରି ହୋଇଥିବା ଅଭିଯୋଗ ହୋଇଛି । ନୂଆପଦର କୁଟ୍ରୁସୁଗାରେ ଥିବା ଆଖଣ୍ଡଳମଣି ମନ୍ଦିରରେ ସକାଳୁ ପୂଜକ ପୂଜା କରିବାକୁ ଯାଇ କବାଟ ଖୋଲିବାକୁ ଗଲା ବେଳେ ମନ୍ଦିର କବାଟର ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ । ମନ୍ଦିର ଭିତରେ ପଶିବା ପରେ ବିଭିନ୍ନ ଜିନିଷ ଏପଟ ସେପଟ ହୋଇ ପଡ଼ିଥିବା ଦେଖିଥିଲେ । ଏ ନେଇ ପୂଜକ ମନ୍ଦିର ସଭାପତି ତ୍ରିନାଥ କହଁର ଓ ସମ୍ପାଦକ ମୀନକେତନ ସାହୁ ଓ ଗ୍ରାମବାସୀଙ୍କୁ ଜଣାଇବା ପରେ ସମସ୍ତେ ମନ୍ଦିର ଭିତର ଦେଖିଥିଲେ । ମନ୍ଦିର ଭିତରୁ ରୁପାର ଛତ୍ର ଚୋରି ହୋଇଥିବା ଜଣାପଡ଼ିଥିଲା । ପରେ ନିକଟରେ ଥିବା ପାର୍ବତୀ ମନ୍ଦିର ତାଲା ଭାଙ୍ଗି ସୁନାର ଏକ ଲକେଟ ମଧ୍ୟ ଚୋରି ହୋଇଥିବା ଦେଖିଥିଲେ । ମନ୍ଦିର କମିଟି ସମ୍ପାଦକ ମୀନକେତନ ସାହୁ, ପୂଜକ ମନୋଜ ରଣା ଓ ଗ୍ରାମବାସୀଙ୍କ ପକ୍ଷରୁ ଚୋରି ହୋଇଥିବା ନେଇ ଫିରିଙ୍ଗିଆ ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ପରେ ପୁଲିସ ଟିମ୍ ପହଞ୍ଚି ତଦନ୍ତ କରିଥିଲା । ଚୋରି ହୋଇଥିବା ରୁପା ଛତ୍ର ଓ ସୁନା ଲକେଟକୁ ଭକ୍ତମାନେ ଦାନ ସୂତ୍ରରେ ଦେଇଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୬୦ ହଜାର ହେବ ବୋଲି କମିଟି ତରଫରୁ କୁହାଯାଇଛି । ମନ୍ଦିରରେ ପ୍ରତ୍ୟେକ ଦିନ ଗହଳି ଚହଳି ଲାଗି ରହୁଥିବା ବେଳେ ରାତିରେ ଦୁର୍ବୃତ୍ତ ଏଭଳି କାଣ୍ଡ ଘଟାଇଥିବା ଜଣାପଡ଼ିଛି । ତୁରନ୍ତ ଚୋରକୁ ଧରି ଚୋରି ସାମଗ୍ରୀ ଉଦ୍ଧାର କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି ।

## ଅବ୍ୟବସ୍ଥା ଘେରରେ ବିଜୁ ପଟ୍ଟନାୟକ ଖେଳ ଭବନ

କାଶୀନଗର,୫।୧(ସମିସ): ଗଜପତି ଜିଲ୍ଲା କାଶୀନଗରସ୍ଥିତ ବିଜୁ ପଟ୍ଟନାୟକ ଖେଳ ଭବନ ଦୀର୍ଘ ମାସ ହେଲା ଅବ୍ୟବସ୍ଥାରେ ରହିଛି । ପୂର୍ବ ସରକାର ଯୁବ ଖେଳାଳିଙ୍କ ପ୍ରତିଭା ପ୍ରଦର୍ଶନ ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟରେ ଖେଳ ଭବନ ନିର୍ମାଣ କରାଯାଇଥିବା ବେଳେ ବର୍ତ୍ତମାନ କିନ୍ତୁ ଅବ୍ୟବସ୍ଥାରେ ଚାଲିଥିବା ଅଭିଯୋଗ ହୋଇଛି । ଦୀର୍ଘ ମାସ ହେଲା ଉକ୍ତ ଖେଳ ଭବନକୁ ଆସୁଥିବା ଯୁବ ଖେଳାଳିଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା ହେଉକି ଶୌଚାଳୟ ବ୍ୟବସ୍ଥାରେ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରଶାସନ ହେଉକି ଉକ୍ତ ଖେଳ ଭବନ ଦାୟିତ୍ୱରେ ଥିବା ଅଧିକାରୀ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ଅଭିଯୋଗ ହୋଇଛି । ସେହିପରି ଖେଳ ଭବନ ପରିସର ଗଛଲତା ପରିପୂର୍ଣ୍ଣ ହୋଇ ବିଷାକ୍ତ ଜନ୍ତୁଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ବହୁ ମାସ ହେଲା ଖେଳ ଭବନରେ ସିସି କ୍ୟାମେରା କାମରେ ଆସୁନଥିବା ନେଇ ବାରମ୍ବାର ଅବଗତ କରିବା ପରେ କୌଣସି ପଦକ୍ଷେପ ନିଆଯାଉନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ଉକ୍ତ ଭବନରେ ଅଧିକାଂଶ ବିଦ୍ୟୁତ୍ ଲାଇଟ ବ୍ୟବସ୍ଥା ଶୋଚନୀୟ ଅବସ୍ଥାରେ ଥିବା ଦେଖିବାକୁ ମିଳିଛି । ବର୍ତ୍ତମାନ ରାଜ୍ୟର ବହୁ ଖେଳାଳି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ଭଲ ପ୍ରଦର୍ଶନ କରୁଥିବାର ମୁଖ୍ୟ କାରଣ ବିଭିନ୍ନ ସ୍ଥାନରେ ହୋଇଥିବା ଏହି ଭଳି ଖେଳ ଭବନରେ ତାଲିମ ନେଉଥିବା ଦ୍ୱାରା ବୋଲି ମତ ପ୍ରକାଶ ପାଉଛି । କାଶୀନଗରର ଖେଳ ଭବନର କୁନି କୁନି ଖେଳାଳି ମାନେ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଭଲ ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳିଛି । କିନ୍ତୁ ଖେଳ ଭବନରେ ଏହିଭଳି ଅବ୍ୟବସ୍ଥା ଯୋଗୁ ଖେଳାଳିଙ୍କ ମଧ୍ୟରେ ଅନାଗ୍ରହ ପ୍ରକାଶ ପାଉଛି । ଏନେଇ ଜିଲ୍ଲା ପ୍ରଶାସନ ଖେଳ ଭବନର ଥିବା ଅବ୍ୟବସ୍ଥା ପ୍ରତି ଦୃଷ୍ଟି ଦେବା ସହ ଏହାର ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି ।

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି



ପାରଳାଖେମଣ୍ଡି,୫ ।୧(ସମିସ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଥିଲା । ଶୁଣାଣିରେ ଭାରପ୍ରାପ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହୋନନାଗା, ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ଜିଲ୍ଲାପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡିର ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର ଯୋଗଦାନ କରି ପାରଳାଖେମୁଣ୍ଡି ପୌରପରିଷଦ ସମେତ କେରାଣ୍ଡି, କତଳକଇଠା, ବାଘଶାଳା, ରାଣୀପେଣ୍ଟ ଓ ସିଧାମାଡ଼ଙ୍ଗ ପଞ୍ଚାୟତର ସମୁଦାୟ ୫୭ ଅଭିଯୋଗର ଶୁଣାଣି କରିଥିଲେ । ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା ୪୭ ରହିଥିବା ବେଳେ ସାମୂହିକ ସମସ୍ୟା ୧୦ ରହିଥିଲା । ସମସ୍ତ ଅଭିଯୋଗର ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଭାରପ୍ରାପ୍ତ ଜିଲ୍ଲାପାଳ । ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା, ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନ କାର୍ଡ, ଶିକ୍ଷା, ଜଳ ସେଚନ ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣିରେ ଗୋଷାଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ, ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା, ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ମହମ୍ମଦ ମୁବରକ୍ ଅଲ୍ଲୀଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

## କନ୍ଧମାଳ ମହୋତ୍ସବ ପାଇଁ ମଶାଲ ଶୋଭାଯାତ୍ରା ଓ ଗଣଦୌଡ଼

ଟିକାବାଲି,୫।୧(ସମିସ): ଆଗାମୀ କନ୍ଧମାଳ ମହୋତ୍ସବ ୨୦୨୬କୁ ଅଧିକ ରିଦ୍ଧିମନ୍ତ ଓ ଜନସାଧାରଣଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିବା ପାଇଁ ଟିକାବାଲି ବ୍ଲକ ପ୍ରଶାସନ ପକ୍ଷରୁ ଏକ ଭବ୍ୟ ବ୍ଲକ୍‌ସ୍ତରୀୟ ଗଣଦୌଡ଼ ଏବଂ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଟିକାବାଲି ବ୍ଲକ ଅଧ୍ୟକ୍ଷ ଦିଲୀପ କହଁର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଷ୍ଣୁ ଗୋବିନ୍ଦ ଏବଂ ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚା ଉପସଭାପତି ରାମବିଶି ଦିଗାଳ ଉପସ୍ଥିତ ରହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ଏଥିସହ ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ବ୍ଲକ କର୍ମଚାରୀ ଓ ସ୍ଥାନୀୟ ଜନସାଧାରଣ ବହୁ ସଂଖ୍ୟାରେ ସାମିଲ ହୋଇଥିଲେ । ମଶାଲ ଶୋଭାଯାତ୍ରା ଟିକାବାଲି ବ୍ଲକ କାର୍ଯ୍ୟାଳୟ ପରିସରରୁ ବାହାରି ତେଙ୍ଗଡ଼ାପଥର ପର୍ଯ୍ୟନ୍ତ ଯାଇଥିଲା । ସାରା ରାସ୍ତା 'କନ୍ଧମାଳ ମହୋତ୍ସବ'ର ଜୟଗାନରେ ପ୍ରକମ୍ପିତ ହୋଇଥିଲା । ଏହି ଶୋଭାଯାତ୍ରାର ବିଶେଷ ଆକର୍ଷଣ ସାଜିଥିଲା ସ୍ଥାନୀୟ ଗଣ୍ଡଗାଁ ଗ୍ରାମର କଳାକାରମାନଙ୍କ ଦ୍ୱାରା ପରିବେଷିତ ପାରମ୍ପରିକ ନୃତ୍ୟ 'କ୍ରାହା ଏନ୍ଦା' । ଏହାସହିତ ମନୋରଞ୍ଜନ ପାଇଁ କାର୍ଟୁନ ନୃତ୍ୟର ମଧ୍ୟ ଆୟୋଜନ କରାଯାଇଥିଲା, ଯାହା ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବଡ଼ମାନଙ୍କୁ ବେଶ୍ ଆନନ୍ଦିତ କରିଥିଲା । କଳାକାରଙ୍କ ନୃତ୍ୟ ପରିବେଶକୁ ଉତ୍ସବମୁଖର କରିଥିଲା । କନ୍ଧମାଳର କଳା ଓ ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଏହି ମହୋତ୍ସବ ଏକ ବଡ଼ ମାଧ୍ୟମ । ଲୋକଙ୍କ ସହଯୋଗରେ ଏହାକୁ ଏକ ବଡ଼ ସଫଳତା ଦେବା ପାଇଁ ଆମେ ସଂକଳ୍ପବଦ୍ଧ ବୋଲି ବ୍ଲକ ଅଧ୍ୟକ୍ଷ କହିଛନ୍ତି ।

## କନ୍ଧମାଳ ମହୋତ୍ସବ ପାଇଁ ମଶାଲ ଶୋଭାଯାତ୍ରା



ଜି.ଉଦୟଗିରି,୫ ।୧(ସମିସ): କନ୍ଧମାଳ ଜିଲ୍ଲା ପ୍ରଶାସନ ତରଫରୁ ଆସନ୍ତା ୭ ରୁ ୧୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା କନ୍ଧମାଳ ମହୋତ୍ସବ ପାଇଁ ସଚେତନ କରିବାକୁ ଜି. ଉଦୟଗିରିରେରେ ପହଞ୍ଚିଛି ମାସ୍କଟ ଓ ମଶାଲ । ଏହାକୁ ବ୍ଲକ୍ ପ୍ରଶାସନ ତରଫରୁ ଭବ୍ୟ ସ୍ୱାଗତ କରାଯିବ ସହ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଛି । ପୂର୍ବରୁ ପଦାସାହି ଠାରୁ ଏକ ମିନି ମାରାଥନ ଆରମ୍ଭ ହୋଇ ନାୟାରା ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ଆସିଥିଲେ ପ୍ରଶାସନିକ ଅଧିକାରୀ, ଗଣ ମାଧ୍ୟମ ପ୍ରତିନିଧି, ଜନ ପ୍ରତିନିଧି, ଛାତ୍ରଛାତ୍ରୀ ଓ ସ୍ଥାନୀୟ ଅଞ୍ଚଳବାସୀ । ଏହି କାର୍ଯ୍ୟକ୍ରମରେ ବିଡ଼ିଓ ସତ୍ୟ ନାରାୟଣ ମିଶ୍ର, କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶିଷ ଗୌରବ କର, ଥାନା ଅଧିକାରୀ ବିଜୟ କୁମାର ସ୍ୱାଇଁ, ବିଜ୍ଞାପିତ ଅଞ୍ଚଳ ପରିଷଦ ଉପାଧ୍ୟକ୍ଷ ସନ୍ତୋଷ ବାଘ, ସାମ୍ବାଦିକ ଅରୁଣ କୁମାର ଷଡଙ୍ଗୀ, ଗଗନ କୁମାର ପ୍ରଧାନ, ଆଶୁତୋଷ ସାହୁ, ସାମନ୍ତ ନାୟକ, ଦୁର୍ଗା ମାଧବ ପଟ୍ଟନାୟକ, ସିଧେ ନାୟକ, ବିଧାୟକ ପ୍ରତିନିଧି ମଧୁଳିନା ଦିଗାଲ, ସାଂସଦ ପ୍ରତିନିଧି ଅମର ସିଂ ନାୟକ, ପୂର୍ବତନ ଏନଏସି ଅଧ୍ୟକ୍ଷ ପି.ସଞ୍ଜୀବ କୁମାର ପାତ୍ରଙ୍କ ସହିତ ଅଭିମନ୍ୟୁ ପ୍ରଧାନ, ମାୟାବନ୍ଧୁ ପ୍ରଧାନ, ଉଦେଶନ ପ୍ରଧାନ, କିଶୋର ନାୟକ, ଜାଲିନା ପ୍ରିୟଦର୍ଶିନୀ, ଜ୍ଞାନ ଚନ୍ଦ୍ର ପ୍ରଧାନ, ମହମ୍ମଦ ଜିଆଉଦିନଙ୍କ ସମେତ ବ୍ଲକ୍‌ର ସମସ୍ତ କର୍ମଚାରୀ, କାଉନସିଲର, ସରପଞ୍ଚ, ସମିତିସଭ୍ୟ, କଲେଜ ଛାତ୍ର ଛାତ୍ରୀ ସାମିଲ୍ ହୋଇଥିଲେ । ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲେ । କ୍ରୀଡ଼ା, ସାଂସ୍କୃତିକ ଓ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ବ୍ୟକ୍ତି ବିଶେଷ ଓ ଛାତ୍ରଛାତ୍ରୀଙ୍କୁ ବ୍ଲକ୍ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଥିଲା ।

# ସପୁରୀ ପ୍ରକ୍ରିୟାକରଣ କେନ୍ଦ୍ର ବନ୍ଦ



ଆଦିବାସୀଙ୍କ ଅର୍ଥନୈତିକ ବିକାଶ ପ୍ରଭାବିତ

ରାୟଗଡ,୫।୧(ସମିସ): ଆଦିବାସୀଙ୍କ ଆର୍ଥିକ ବିକାଶ ପାଇଁ ସେମାନଙ୍କ ଅମଳ ଫଳରୁ ବିଭିନ୍ନ ପ୍ରକାର ସାମଗ୍ରୀ ପ୍ରସ୍ତୁତ କରିବା ପାଇଁ ସରକାର ନିର୍ମାଣ କରିଥିଲେ ମିଶନ ଜୀବିକା ସପୁରୀ ପ୍ରକ୍ରିୟାକରଣ କେନ୍ଦ୍ର । ୨୦୨୧-୨୨ ମସିହାରେ ସମନ୍ୱିତ ଆଦିବାସୀ ସଂସ୍ଥା ପକ୍ଷରୁ ନିର୍ମିତ ଏହି କେନ୍ଦ୍ର ଅଳ୍ପ କିଛି ଦିନ ଚାଲିବା ପରେ ଏହା ବନ୍ଦ ହୋଇପଡିଛି । ଫଳରେ ସ୍ଥାନୀୟ ଆଦିବାସୀ ଚାଷୀ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଏବେ କ୍ଷତିର ସମ୍ମୁଖୀନ ହେଉଛନ୍ତି । ଅତିଶୀଘ୍ର ଏହାର ପୁନରୁଦ୍ଧାର କରିବା ପାଇଁ ସାଧାରଣରେ ଦାବି ହେଉଛି । ପ୍ରକାଶଯେ, ଗଜପତି ଜିଲ୍ଲା ରାୟଗଡ ବ୍ଲକରେ ସପୁରୀ, କମଳା, ପଣସ, ଆମ୍ବ ଆଦି ବିଭିନ୍ନ ପ୍ରକାରର ସୁସ୍ୱାଦୁ ଫଳ ଅମଳ ହୋଇଥାଏ । ସ୍ଥାନୀୟ ଚାଷୀ ଏସବୁ ଚାଷ କରି ଭଲ ଦୁଇ ପଇସା ରୋଜଗାର କରିବାକୁ ଚାହୁଁଥିଲେ ମଧ୍ୟ ଉପଯୁକ୍ତ ବଜାର ଏବଂ ଶୀତଳ ଭଣ୍ଡାରର ଅଭାବ ଯୋଗୁଁ ଆଦିବାସୀ ଚାଷୀ ଶାଗ ମାଛ ଦରରେ ଏସବୁ ବିକ୍ରି କରିବାକୁ ବାଧ ହେଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ଅମଳ ଫଳରୁ ଜେଲି ପ୍ରସ୍ତୁତ କରି ବାହାରକୁ ରପ୍ତାନି କରିବା ସହ ବଜାରକୁ ଛାଡ଼ିବା ଲକ୍ଷ୍ୟରେ ଗତ ୨୦୨୧-୨୨ମସିହାରେ ପ୍ରାୟ ୪୦ଲକ୍ଷ ଟଙ୍କା ବ୍ୟୟରେ ଗଜପତି ଜିଲ୍ଲା ରାୟଗଡ ବ୍ଲକ ଡମ୍ବାଳ ପଞ୍ଚାୟତ ସିନ୍ଧିବା ଗାଁରେ ରୟାଲ୍ ଗଜପତି ଫୁଡ୍ ପ୍ରୋସେସିଂ ୟୁନିଟ୍ ନିର୍ମାଣ କରାଯାଇଥିଲା । ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ନିର୍ମାଣ ଏହି କେନ୍ଦ୍ର ନିର୍ମାଣ ହେବାର ଅଳ୍ପ କିଛି ଦିନ ଚାଲିବା ପରେ ବନ୍ଦ ହୋଇଗଲା । ଏଥିରେ ଲାଗିଥିବା ମେସିନ ସଠିକ ଭାବେ ଚାଲୁଥିବା ବେଳେ ପ୍ରସ୍ତୁତ ସାମଗ୍ରୀ ବିକ୍ରି ପାଇଁ କୌଣସି ବ୍ୟବସ୍ଥା କରାନଯିବା ଯୋଗୁଁ ଏହି କେନ୍ଦ୍ର ବନ୍ଦ ହୋଇଗଲା ବୋଲି ସ୍ଥାନୀୟ ଲୋକେ କହିବା ସହ ଏହାକୁ ଚାଲୁ କଲେ ଲୋକେ କାମ କରିବା ପାଇଁ ପ୍ରସ୍ତୁତ ଥିବା କହିଛନ୍ତି । ଏଥି ପାଇଁ କିଣା ଯାଇଥିବା ମେସିନ ଉନ୍ନତ ମାନର ନଥିଲା । ତେଣୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଏହି କେନ୍ଦ୍ର ବନ୍ଦ ହେବା ଦ୍ୱାରା ଏହି ଅଞ୍ଚଳର ଶତାଧିକ ଆଦିବାସୀ ଚାଷୀ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା କ୍ଷତିର ସମ୍ମୁଖୀନ ହେଉଛନ୍ତି । ତେଣୁ ଏହାର ତଦନ୍ତ କରିବା ସହ ଏହାର ପୁନରୁଦ୍ଧାର କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି । କାହିଁ କେଉଁ କାଳରୁ ଏଠାକାର ଆଦିବାସୀମାନେ ସପୁରୀ, କମଳା ଆଦି ଚାଷ କରିଆସୁଛନ୍ତି । ହେଲେ ଆଜି ଯାଏଁ ସେମାନେ ବଜାର ଅନୁସାରେ ଦର ପାଇବାରୁ ବଞ୍ଚିତ ହୋଇଆସୁଛନ୍ତି । ବଜାରରେ ସପୁରୀ ଗୋଟାକୁ ୩୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ସାହୁକାରମାନେ କିନ୍ତୁ ୪/୫ଟଙ୍କାରେ କିଣି ନେଉଛନ୍ତି । ନଷ୍ଟ ହୋଇଯିବା ଭୟରେ ଆଦିବାସୀ ମଧ୍ୟ ଏହି ଦରରେ ଦେବାକୁ ବାଧ ହେଉଛନ୍ତି । ଏଭଳି ଅଭାବୀ ବିକ୍ରି ରୋକିବା ସହ ସ୍ଥାନୀୟ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଏହି କେନ୍ଦ୍ର ନିର୍ମାଣ ହୋଇଥିଲା । ମେସିନ ଲାଗିବା ପରେ ଉପଯୁକ୍ତ ଦର ମିଳିବ ବୋଲି ଆଦିବାସୀ ଆଶା ରଖିଥିଲେ । କିନ୍ତୁ ଏହା ବନ୍ଦ ହେବା ଯୋଗୁଁ ଏହି ଆଶା ପୂରଣ ହୋଇପାରି ନାହିଁ ବୋଲି ସ୍ଥାନୀୟ ସରପଞ୍ଚ ବିଶ୍ୱନାଥ ଭୂୟାଁ ଅଭିଯୋଗ କରିଛନ୍ତି । ଏହି କେନ୍ଦ୍ରର ପୁନରୁଦ୍ଧାର କରିବା ସହ ଉପଯୁକ୍ତ ବଜାର ସୃଷ୍ଟି ପାଇଁ ଉଦ୍ୟମ କରାଯିବ ବୋଲି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର କହିଛନ୍ତି ।

## ଖଜୁରୀଗାଁକୁ ପଞ୍ଚାୟତ ଘୋଷଣା ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

ଫିରିଙ୍ଗିଆ,୫।୧(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡା ପଞ୍ଚାୟତର ଖଜୁରୀଗାଁରେ ଦୀର୍ଘ ଦିନ ହେବ ବାରମ୍ବାର ଅଞ୍ଚଳବାସୀଙ୍କ ତରଫରୁ ବୈଠକ କରିବା ସହ ନୂତନ ପଞ୍ଚାୟତ ଗଠନ ପାଇଁ ଦାବି ହୋଇଆସୁଛି । ଏହି ପରିସ୍ଥିତିରେ ଅଞ୍ଚଳର ଏକ ସ୍ୱତନ୍ତ୍ର ପ୍ରତିନିଧି ଦଳ କନ୍ଧମାଳ ଜିଲ୍ଲାପାଳଙ୍କୁ ଭେଟି ନୂତନ ପଞ୍ଚାୟତ ଗଠନ ପାଇଁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି । ଗୋଚ୍ଛାପଡା ପଞ୍ଚାୟତକୁ ବିଭାଜନ କରି ନୂତନ ଭାବରେ ପଞ୍ଚାୟତ ଗଠନ କରିବାକୁ ଦାବି ହୋଇଛି । ଗୋଚ୍ଛାପଡ଼ା ପଞ୍ଚାୟତ ଅଧୀନ ୫ ରାଜସ୍ୱ ଗ୍ରାମର ସାତ ୱାର୍ଡରୁ ଜନସଂଖ୍ୟା ୧୭୮୭ ଏବଂ ଭୋଟର ସଂଖ୍ୟା ୧୨୧୫ ଓ ବଏଲକିଆ, କୁଲିକୁଡା, ସାନିପଡା, ସ୍ଲୁମ୍ବି, ବୁଡ଼ିଗୁଡ଼ା, ଡାଡି ଲାଇ, ଅଡ଼ାକଶଲି, ପେନାପଙ୍ଗା, କସ୍କଡି, ଖଜୁରୀ ଗାଁ ଉପରସାହି, ଖଜୁରୀ ଗାଁ ତଳ ସାହି, ଡୁମେଲୀ, କେଉଟ ମାରି, ବନ୍ଧୁଲି(କ), ବନ୍ଧୁଲି (ଖ), ଲଦା ଭଳି ଗାଁକୁ ନେଇ ଖଜୁରୀଗାଁ ପଞ୍ଚାୟତ ଗଠନ ପାଇଁ ଦାବି ହୋଇଛି । ଆଜି ସମୂହ ଅଞ୍ଚଳର ଅଭିରାମ କହଁର, ନାଭିଦତ୍ୟ ଦିଗାଲ, କେମ ଦିଗାଲ, ଜମ୍ବେଶ୍ୱର କହଁର, ଗୌରାଙ୍ଗ କହଁର, ଯୁଗାନ୍ତ କହଁର, ଦୁଷ୍ମନ୍ତ ପ୍ରଧାନ, ମେଘନାଦ କହଁର, ଉମେଶ ଚନ୍ଦ୍ର କହଁର କୁମାରୀ ଦିଗାଲ, ବୀରେନ୍ଦ୍ର ପ୍ରଧାନଙ୍କ ସହ ସମୂହ ୱାର୍ଡ ସଭ୍ୟ ମିଶି ଏକ ଟିମ୍ କନ୍ଧମାଳ ଜିଲ୍ଲା ପାଳଙ୍କୁ ଭେଟି ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି । ପୂର୍ବରୁ ବାରମ୍ବାର ବିଭିନ୍ନ ଅଭିଯୋଗ ଶୁଣାଣିରେ ମଧ୍ୟ ଏହି ଅଞ୍ଚଳବାସୀ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିବା ବେଳେ ଆଗାମୀ ଦିନରେ ମଧ୍ୟ ନୂତନ ପଞ୍ଚାୟତ ଗଠନ ପାଇଁ ଦାବି ଜାରି ରହିବ ବୋଲି ଅଞ୍ଚଳବାସୀ କହିଛନ୍ତି ।

# ଜଙ୍ଗଲପାଡୁ ସୋସାଇଟିରେ ଖୋଲିଲା ଧାନମଣ୍ଡି



**ଗୋଷାଣି, ୫ ।୧(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ବଡଗୋଷାଣି ପଞ୍ଚାୟତ ଅନ୍ତର୍ଗତ ଜଙ୍ଗଲପାଡୁ ଗ୍ରାମରେ ଥିବା ପ୍ରାଥମିକ କୃଷି ସମବାୟ ସମିତିରେ ଧାନମଣ୍ଡି ଉଦଘାଟିତ ହୋଇଛି। ଏହି ମଣ୍ଡିକୁ ଗଜପତି ଜିଲ୍ଲା କୃଷକ ସଂଘ ସଭାପତି ସୂର୍ଯ୍ୟନାରାୟଣ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ମଣ୍ଡିରେ ଜଙ୍ଗପାଡୁ ଗ୍ରାମ ସମେତ ଆଖପାଖ ଅଞ୍ଚଳର ଚାଷୀ ଧାନ ବିକ୍ରି କରିବାର ବ୍ୟବସ୍ଥା ହୋଇଛି। ଏ ନେଇ ଚାଷୀନେତା ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଆଜି ଆନୁଷ୍ଠାନିକ ଭାବେ ଧାନମଣ୍ଡି ଉଦଘାଟିତ ହୋଇଛି । ତେବେ ଚାଷୀଙ୍କ ଧାନ କ୍ରୟ କରିବା ପାଇଁ ଟୋକେନରେ ଯେଉଁ ତାରିଖ ଓ ସମୟ ଧାର୍ଯ୍ୟ ହୋଇଛି ସେ ମଧ୍ୟରେ ଧାନ କ୍ରୟ କରନ୍ତୁ ବୋଲି କହିଛନ୍ତି। ଏହା ସହ ଚାଷୀମାନେ ଧାନ ବିକ୍ରି ସମୟରେ କିପରି ଉପକୃତ ହେବେ ସେନେଇ ପ୍ରଶାସନ ପଦକ୍ଷେପ ନିଅନ୍ତୁ ବୋଲି କହିଛନ୍ତି। ଏହି ମଣ୍ଡିରେ ୪୧୧ ଜଣ ଚାଷୀ ରହିଥିବା ବେଳେ ଚାଷୀମାନଙ୍କ ନିମନ୍ତେ ବିଭିନ୍ନ ଆବଶ୍ୟକ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି ବୋଲି ପ୍ରାଥମିକ କୃଷି ସମବାୟ ସମିତର ସମ୍ପାଦକ ବାବୁଲି ସାମଲ ସୂଚନା ଦେଇଛନ୍ତି । ଉଦଘାଟନ କାର୍ଯ୍ୟକ୍ରମରେ ଜଙ୍ଗଲପାଡୁ ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ବି.ଖଗେଇଶ୍ୱର, ଚାଷୀ ନିରଞ୍ଜନ ସାମଲ, ପ୍ରଣୟ କୁମାର ଜେନା, ପଦ୍ମାଳୟ ନାୟକ, ପବିତ୍ର ସାମଲ, ଆଦିକନ୍ଦ ସାମଲଙ୍କ ସହ ବହୁ ଚାଷୀମାନେ ଯୋଗ ଦେଇ ବିଗତ ବର୍ଷ ଭଳି ଚଳିତ ବର୍ଷ ଧାନକ୍ରୟରେ କୌଣସି ଅବ୍ୟବସ୍ଥା କରାନଯାଉ। ଚାଷୀଙ୍କ ପ୍ରାପ୍ୟ ମୂଲ୍ୟ ପ୍ରଦାନ ସହ କଟଣୀଛଟଣୀ କିମ୍ବା ଅନ୍ୟ କୌଣସି ସମସ୍ୟା ସୃଷ୍ଟି କରାନଯାଉ ବୋଲି କହିଛନ୍ତି । ଅନ୍ୟପକ୍ଷରେ ଗୋଷାଣି ବ୍ଲକର ବିଭିନ୍ନ ସ୍ଥାନରେ ଆଜି ସୁଦ୍ଧା ଚାଷୀଙ୍କ ଧାନ ନଉଠିବାକୁ ନେଇ ଅସନ୍ତୋଷ ବୃଦ୍ଧି ପାଇଛି।

## ଦକ୍ଷିଣ ଭାରତ ଭ୍ରମଣ ବେଳେ ଦୁର୍ଘଟଣା

# ପ୍ରାଣ ହରାଇଲେ ଯୁବକ; ଲୁହରେ ଭିଜିଲା ଗାଁ

ପାରଳାଖେମୁଣ୍ଡି, ୫ ।୧ (ସମିସ)

ଦକ୍ଷିଣ ଭାରତ ଭ୍ରମଣରେ ଯାଇଥିଲେ ୪ସାଙ୍ଗ। ହେଲେ ଫେରିଲେ ୩ଜଣ। ଖୁସି ବଦଳରେ ସାଉଁଟିଆଣିଛନ୍ତି ଜୀବନର ସବୁଠୁ ଦୁଃଖଦ ମୁହୂର୍ତ୍ତର କିଛି ଅଭୁଲା ସ୍ମୃତି। ହରାଇଛନ୍ତି ସାଥୀରେ ଯାଇଥିବା ଜଣେ ସାଙ୍ଗକୁ। ଯାହାର ବିବାହ ପାଇଁ ନିର୍ବନ୍ଧ ସରିଥିଲା। ଆଉ କିଛିଦିନ ଯାଇଥିଲେ ବେଦୀରେ ବସିଥାନ୍ତେ, ମାତ୍ର ତାଙ୍କର କୋକେଇ ଉଠିଛି। ଏହି ଦୃଶ୍ୟ ଗାଁରେ





### ବିବାହ ପାଇଁ ସରିଥିଲା ନିର୍ବନ୍ଧ

ଶୋକାକୂଳ ପରିବେଶ ସୃଷ୍ଟି କରିଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ମୋହନା ବ୍ଲକ୍ ଗୋବିନ୍ଦପୁର ଗ୍ରାମରେ। ଗ୍ରାମର ୪ ଜଣ ଯୁବକ ଗତ ୨୬ ତାରିଖରେ ଦକ୍ଷିଣ ଭାରତ ଭ୍ରମଣରେ ବାହାରିଥିଲେ। କିଛି ସ୍ଥାନ ଭ୍ରମଣପରେ ଡିସେମ୍ବର ୩୧ ତାରିଖରେ ତାମିଲନାଡୁ କନ୍ୟାକୁମାରୀରେ ସନ୍ଧ୍ୟା ସାଢ଼େ ୮ଟାରେ ପହଞ୍ଚିଥିଲେ। ସେଠାରେ ରାତ୍ର ରହଣୀ ପାଇଁ ରୁମ୍ ଖୋଜିବାକୁ ଦୁଇ ଦୁଇ ଜଣ ସାଙ୍ଗ ଅଲଗା ଅଲଗା ହୋଇ ବାହାରିଥିଲେ। ନୀଳାଞ୍ଚଳ ନାୟକ(୨୫) ଓ ତାଙ୍କ ସମ୍ପର୍କୀୟ ଭାଇ ସନ୍ତୋଷ ନାୟକ ଯାଉଥିବା ସମୟରେ ଯମଦୂତ ଭାବେ ଧକ୍କାଦେଇଥିଲା ଏକ କାର୍। ଏଥିରେ ନୀଳାଞ୍ଚଳ ନାୟକ ଗୁରୁତର ହୋଇଥିବାବେଳେ ସନ୍ତୋଷ ସାମାନ୍ୟ ଆହତ ହୋଇଥିଲେ। ୩ଜଣ ସାଙ୍ଗ ମିଶି ନୀଳାଞ୍ଚଳଙ୍କୁ ଡାକ୍ତରଖାନା ନେଇଥିଲେ। କନ୍ୟାକୁମାରୀରେ ଚିକିତ୍ସା ସମୟରେ ଜାନୁୟାରୀ ୨ ତାରିଖ ରାତିରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

ସ୍ଥାନୀୟ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରିଥିଲା। କନ୍ୟାକୁମାରୀ ପୁଲିସ ଦୁର୍ଘଟଣା ଘଟାଇଥିବା କାର୍‌କୁ ଠାବ କରିଥିବାବେଳେ ମୃତ ନୀଳାଞ୍ଚଳଙ୍କୁ ଗାଁକୁ ଅଣାଯାଇଛି। ଶବ ତାଙ୍କ ଗାଁ ଗୋବିନ୍ଦପୁରରେ ପହଞ୍ଚିବା ପରେ ଗାଁ'ରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ନୀଳାଞ୍ଚଳ ଗାଁର ଜଣେ ଦାୟିତ୍ୱବାନ ଯୁବକ ଥିବାବେଳେ ପରିବାରର ରୋଜଗାରିଆ ପୁଅ ଥିଲେ। ତେଣୁ ସାରା ଗାଁ'ର ସମସ୍ତଙ୍କ ଆଖିରେ ଲୁହ ଦେଖିବାକୁ ମିଳିଥିଲା। ତାଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ ପାଇଁ ନିବେଦନ କରିଛନ୍ତି ଗ୍ରାମବାସୀ। ତାଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୩୦ହଜାର ଟଙ୍କା ପ୍ରଦାନ କରାଯାଇଥିବା ତହସିଲଦାର ଚକ୍ରଧର ପାଢ଼ୀ କହିଛନ୍ତି। ଏ ନେଇ ଜଣେ ଗ୍ରାମବାସୀ କହିଛନ୍ତି ଯେ ସାଂସଦ, ବିଧାୟକଙ୍କୁ ଶବ ଆଣିବାକୁ ଗୁହାରି କଲେ ମଧ୍ୟ କେହି ସହାୟତା ପାଇଁ ଆଗେଇ ଆସିନଥିଲେ। ଶେଷରେ ତାମିଲନାଡୁ ସରକାର ତାଙ୍କ ରାଜ୍ୟର ଶେଷ ସୀମା ପର୍ଯ୍ୟନ୍ତ ମାଗଣାରେ ଏକ ଆମ୍ବୁଲାନ୍ସ ଯୋଗାଇଦେଇଥିଲେ। ଏହାପରେ ଗ୍ରାମବାସୀଙ୍କ ସହାୟତାରେ ସ୍ୱତନ୍ତ୍ର ଗାଡ଼ିରେ ନୀଳାଞ୍ଚଳଙ୍କ ମର ଶରୀର ପହଞ୍ଚିଥିଲା ନିଜ ଗ୍ରାମରେ।

## ଦୁର୍ନୀତିର ତଦନ୍ତ ଦାବି କଲେ ସରପଞ୍ଚ

# ଆର୍ଥିକ ଅନିୟମିତତାର ଯାଞ୍ଚ ନ ହେଲେ ଧାରଣା ଚେତାବନୀ



**ଦିଗପହଣ୍ଡି, ୫।୧(ସମିସ):** ଦିଗପହଣ୍ଡି ବ୍ଲକ୍‌ର ପୂର୍ବତନ ଜିପିଡିଓ ତଥା ବର୍ତ୍ତମାନର ଏବିଡିଓ ଉମେଶ ସେଠୀଙ୍କ ଦ୍ୱାରା କରାଯାଇଥିବା ଦୁର୍ନୀତି, ଆର୍ଥିକ ଅନିୟମିତତା ଓ ଆପତ୍ତିଜନକ କାର୍ଯ୍ୟକଳାପର ତଦନ୍ତ ସହ ବିହିତ ପଦକ୍ଷେପ ଗ୍ରହଣ କରାଯିବାକୁ ସୋମବାର ଗଞ୍ଜାମ ଜିଲ୍ଲା ସରପଞ୍ଚ ସଂଘର ସଭାପତି ତଥା ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ପଞ୍ଚାୟତ ସରପଞ୍ଚ ମନୋରଞ୍ଜନ ଗୌଡ଼ ଦାବି କରିଛନ୍ତି। ଦିଗପହଣ୍ଡି ନନ୍ଦିଘୋଷ କଲ୍ୟାଣ ମଣ୍ଡପଠାରେ ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ସେ ଏବିଡିଓଙ୍କ ବିରୋଧରେ ବର୍ଷିଥିଲେ। ସେ ଦୀର୍ଘଦିନ ଧରି ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟରେ ରହି ବ୍ଲକ କାର୍ଯ୍ୟାଳୟର ବିଭିନ୍ନ ଆକାଉଣ୍ଟରୁ ନିଜର ଆକାଉଣ୍ଟ ଏବଂ ସମ୍ପର୍କୀୟଙ୍କ ଆକାଉଣ୍ଟକୁ ବିଭିନ୍ନ ସମୟରେ ଟଙ୍କା ଟ୍ରାନ୍ସଫର କରିଥିବା ଅଭିଯୋଗ ଆଣିବା ସହ ନନ୍ଦିଘୋଷ କଲ୍ୟାଣ ମଣ୍ଡପ ମାଲିକ ସୀମା ପାଠୀଙ୍କ ଠାରୁ ଦିଗପହଣ୍ଡି ବ୍ଲକରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର କାର୍ଯ୍ୟାଦେଶ ଯୋଗାଇବା ପାଇଁ କମିଶନ ନେଇଥିବା ଭଳି ଗୁରୁତର ଅଭିଯୋଗ ମଧ୍ୟ କରିଛନ୍ତି। ସେହିପରି ଦିଗପହଣ୍ଡି ବ୍ଲକରେ ମାତ୍ର ୨ଟି ମୋ ବ୍ୟାଙ୍କ କାର୍ଯ୍ୟକ୍ରମ କରାଯାଇ ୧୫ ଟି କାର୍ଯ୍ୟକ୍ରମ ହୋଇଥିବା ଦର୍ଶାଇ ଲକ୍ଷାଧିକ ଟଙ୍କା ହଡ଼ପ କରାଯାଇଛି ବୋଲି ମନୋରଞ୍ଜନ କହିଛନ୍ତି। ଦିଗପହଣ୍ଡି ବ୍ଲକର ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ପାଇଁ ଅନୁଷ୍ଠିତ ସରକାରୀ କାର୍ଯ୍ୟକ୍ରମରେ ଲକ୍ଷ ଲକ୍ଷ ଟଙ୍କା ହେରଫେର ହୋଇଛି। ଯାହାର ପ୍ରମାଣ ସେ ଗଞ୍ଜାମ ଜିଲ୍ଲାପାଳ, ବିଡିଓ, ସ୍ଥାନୀୟ ବିଧାୟକ ଓ ସାଂସଦଙ୍କ ଦୃଷ୍ଟିକୁ ଆଣିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ ବୋଲି କହିଥିଲେ। ସରକାରୀ ଅର୍ଥ ଲୁଟ୍ ରେ ଏବିଡ଼ିଓ ଉମେଶ ସେଠୀଙ୍କ ସଂପୃକ୍ତି ରହିଛି। ସେ ଫୋନ ପେ ମାଧ୍ୟମରେ ଭେଣ୍ଡର ମାନଙ୍କ ଠାରୁ ପ୍ରଚୁର ଅର୍ଥ ନେଇଛନ୍ତି। ଗତ ଡିସେମ୍ବର ୭ ତାରିଖ ରବିବାରରେ ବ୍ଲକର ଜଣେ ମହିଳା ଅଧିକାରୀ ଏବଂ ଏବିଡିଓ ବ୍ଲକ କାର୍ଯ୍ୟାଳୟ ଭିତରେ ସିସିଟିଭି ବନ୍ଦ କରି କେଉଁ ସବୁ କାର୍ଯ୍ୟ କରୁଥିଲେ ତାହା ସାର୍ବଜନୀନ ହେବା ଦରକାର ବୋଲି ସେ କହିଛନ୍ତି। ଦିଗପହଣ୍ଡି ବିଡିଓ ଅନାମିକା ପାଣ୍ଡେ ଏକ ଯୁଗ୍ମ କମିଟି ଗଠନ କରି ରିପୋର୍ଟ ପ୍ରଦାନ କରିଥିଲେ। ତାହାକୁ ବିରୋଧ କରି ସେ ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ଦିଗପହଣ୍ଡି ବିଡିଓଙ୍କ ରିପୋର୍ଟକୁ ଗ୍ରହଣ ନକରି କୁକୁଡ଼ାଖଣ୍ଡି ବିଡିଓ, ଜିଲ୍ଲା ପଞ୍ଚାୟତ ଅଧିକାରୀ, ଜିଲ୍ଲା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଫାଇନାନ୍ସ ଏବଂ ଜିଲ୍ଲା ପରିଷଦ କର୍ତ୍ତୃପକ୍ଷଙ୍କୁ ଏ ନେଇ ତଦନ୍ତ କରି ରିପୋର୍ଟ ମାଗିଥିବା ସେ କହିଛନ୍ତି। ଆଗାମୀ ସପ୍ତାହକ ମଧ୍ୟରେ ଏବିଡିଓଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ସେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଏବିଡିଓଙ୍କ ପ୍ରତିକ୍ରିୟା ନିଆଯିବାରେ ତାଙ୍କ ବିରୋଧରେ ଅଣାଯାଇଥିବା ସମସ୍ତ ଅଭିଯୋଗକୁ ସେ ଖଣ୍ଡନ କରିବା ସହ ଯେ କୌଣସି ପ୍ରକାର ତଦନ୍ତ ପାଇଁ ସେ ପ୍ରସ୍ତୁତ ଥିବା କହିଛନ୍ତି। ଅପରପକ୍ଷରେ ବିଡିଓଙ୍କୁ ଯୋଗାଯୋଗ କରିବାରେ ତଦନ୍ତ ନିମନ୍ତେ ଜିଲ୍ଲାସ୍ତରୀୟ କମିଟି ଗଠନ କରାଯାଇଛି। କମିଟିର ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ସେ କହିଛନ୍ତି।

# ଜାତୀୟ ଟାଏକ୍ୱୋଣ୍ଡୋ ପ୍ରତିଯୋଗିତାରେ ଭାଗନେବେ ଗଜପତିର ଦୁଇ ଛାତ୍ର




**ପାରଳାଖେମୁଣ୍ଡି, ୫ ।୧(ସମିସ):** ଜିଲ୍ଲା ଟାଏକ୍ୱେଣ୍ଡୋ ଏକାଡେମୀର ଦୁଇ ଛାତ୍ର ଆନ୍ତଃରାଜ୍ୟ ଟାଏକ୍ୱେଣ୍ଡୋ ପ୍ରତିଯୋଗିତାରେ ଭାଗ ନେବା ପରେ ଜାତୀୟସ୍ତର ପ୍ରତିଯୋଗିତାରେ ଭାଗ ନେବେ ବୋଲି ଜଣାପଡ଼ିଛି। ଏହି ଦୁଇଜଣ ହେଲେ ପାରଳାଖେମୁଣ୍ଡି ସହରର ଏଲ୍. ନିହାଲ ଏବଂ ଏଲ୍. ପ୍ରେମ ଭ୍ରାତୃଦ୍ୱୟ। ଆନ୍ଧ୍ର ପ୍ରଦେଶ ରାଜ୍ୟ ସବ୍ ଜୁନିଅର ଟାଏକ୍ୱେଣ୍ଡୋ ପ୍ରତିଯୋଗିତାରେ ପୁମସେ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହି ପ୍ରତିଯୋଗିତା ଶ୍ରୀକାକୁଲମ୍ ଜିଲ୍ଲା ଟାଏକ୍ୱେଣ୍ଡୋ ଆସୋସିଏସନ୍ ଦ୍ୱାରା ଚଳିତ ମାସ ୩ ଓ ୪ ପର୍ଯ୍ୟନ୍ତ ଶ୍ରୀକାକୁଲମ ସ୍ଥିତ ୱାଇଏସ୍ଆର୍ ମ୍ୟୁନିସିପାଲ କଲ୍ୟାଣ ମଣ୍ଡପରେ ହୋଇଥିଲା। ପୁମସେ ପ୍ରତିଯୋଗିତାରେ ଗଜପତିର ଏହି ଦୁଇ ଛାତ୍ର ନିଜର ପାରିଦର୍ଶିତା ଦେଖାଇ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ସେମାନଙ୍କ ଏପରି ସଫଳତାକୁ ନେଇ ଗଜପତି ଜିଲ୍ଲା ଟାଏକ୍ୱୋଣ୍ଡୋ ଏକାଡେମୀର ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ମହାପାତ୍ରଙ୍କ ସମେତ ସମସ୍ତ ପ୍ରଶିକ୍ଷାର୍ଥୀ ଓ ଅଭିଭାବକ ଶୁଭେଚ୍ଛା ଜଣାଇ ଜାତୀୟସ୍ତରରେ ମଧ୍ୟ ସ୍ୱର୍ଣ୍ଣପଦକ ହାସଲ କରନ୍ତୁ ବୋଲି ଶୁଭକାମନା କରିଛନ୍ତି।

# ବିଭିନ୍ନ ସ୍ଥାନରେ ପଞ୍ଚାୟତସ୍ତରୀୟ ଜନଶୁଣାଣି

ଧରାକୋଟ, ୫ ।୧(ସମିସ)

ଧରାକୋଟ ବ୍ଲକର ବଳରାମପୁର ପଞ୍ଚାୟତରେ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ସଂଗ୍ରାମ କେଶରୀ ଜେନା, ତହସିଲଦାର ଲମ୍ବୋଦର ମାରାଣ୍ଡି, ଏବିଡିଓ ସୁଶୀଲ ପଟ୍ଟନାୟକ, ବ୍ଲକ ଉପାଧ୍ୟକ୍ଷ, ସିଡିପିଓ ସୁନୀଲ ପ୍ରଭା ରଥ, ସରପଞ୍ଚ ଗୀତାଞ୍ଜଳି ମଲିକ, ସମିତି ସଭ୍ୟ ଜୋସେଫ ମଣ୍ଡଳ, ନାଏବ ସରପଞ୍ଚ ପ୍ରଫୁଲ୍ଲ ବେହେରା, ଭିଏଏସ ଡାକ୍ତର ମାନସ ରଞ୍ଜନ ପଲେଇ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ପାଣିଗ୍ରାହୀ, କନିଷ୍ଠ ଯନ୍ତ୍ରୀ ପ୍ରଦୀପ ନାୟକ, ବିଏସଏସଓ ସଚିନ ପାତ୍ର, କଲ୍ୟାଣ ଅଧିକାରୀ ଅନନ୍ୟା ପଣ୍ଡା, ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ରାକେଶ ମାଝୀ, ମୃତ୍ତିକା ସଂରକ୍ଷଣ ଅଧିକାରୀ ବିରୂପାକ୍ଷ ପଟନାୟକ, ଜିପିଇଓ ଦେବରାଜ ନାୟକ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ଚିନ୍ମୟୀ ରାଉତ, ରାଜସ୍ୱ ନୀରିକ୍ଷକ ଏସ ଯାଗେୟା, ବ୍ଲକ କୃଷି ଅଧିକାରୀ ବିଶ୍ୱନାଥ ବେହେରା, ସହ କୃଷି ଅଧିକାରୀ ଅନିଲ କୁମାର ବେହେରା, ପଞ୍ଚାୟତ ନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ପୃଷ୍ଟି, ଏଡିଇଓ କୃଷ୍ଣଚନ୍ଦ୍ର ଗୌଡ଼, ମନରେଗା ବିଭାଗର ଅମେଶ ବେହେରା, ଦୀପକ ପଟନାୟକ, ସଞ୍ଜୀବ ରାଉଳ, ଯୋଗାଣ ସହାୟକ ନୀଳମାଧବ ପ୍ରଧାନଙ୍କ ସମେତ ସମସ୍ତ ଲାଇନ୍ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହିଥିଲେ। ମୋଟ ୪୪ ଜଣ ନିଜର ଲିଖିତ ଅଭିଯୋଗ ଦାଖଲ କରିଥିଲେ।

**କୋଦଳା** : ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ବେରୁଆଁବାଡ଼ି ପଞ୍ଚାୟତରେ ଅଭିଯୋଗ ଶୁଣାଣି ହୋଇଯାଇଛି। କୋଦଳା ତହସିଲଦାର ତଥା ବେଗୁନିଆପଡ଼ା ଭାରପ୍ରାପ୍ତ ବିଡିଓ ଶସ୍ମିତା ଶତପଥୀ, କୋଦଳା ଥାନା ଅଧିକାରୀ ସୁବାସ ଚନ୍ଦ୍ର ବେହେରା, ସିଡ଼ିପିଓ ନୀଳିମା ଟପୋ, ସରପଞ୍ଚ ପ୍ରତିମା କୁମାରୀ ପାଢ଼ୀ, ସମିତିସଭ୍ୟ ବ୍ରଜ ସୁନ୍ଦର ସାହୁ, କନିଷ୍ଠ ଯନ୍ତ୍ରୀ ଧର୍ମେନ୍ଦ୍ର ବାଉତ୍ୟା, ବିଭିଓ ଭବାନୀଶଙ୍କର ତ୍ରିପାଠୀ, ଜଳ ଓ ପରିମଳ ସହକାରୀ ଯନ୍ତ୍ରୀ ମମତା ପଣ୍ଡା, ଗ୍ରାମ୍ୟ ଉନ୍ନୟନ କନିଷ୍ଠ ଯନ୍ତ୍ରୀ ଦିଲ୍ଲୀପ କୁମାର ବେହେରା, ଅଧିକ୍ଷଣ ଯନ୍ତ୍ରୀ ଭି ଶଙ୍କର ରାଓ, ଯୋଗାଣ ଅଧିକାରୀ ବାଦଲ କୁମାର ବେହେରା, ଏବିଓ ଜୋତିର୍ମଇ ନନ୍ଦ, ଡବ୍ଲୁଇଓ ସ୍ୱାଗତିକା ରାଉତ, କୃଷି ଅଧିକାରୀ ରାମଲାଲ ସାମଦ, ବିପିସି ଚନ୍ଦ୍ରଶେଖର ବେହେରା, ବିଏଲସି ଦେବରାଜ ବେହେରା, ବିପିଏମ ଗ୍ୟାନ ରଞ୍ଜନ ରାଉତ, ଏପିଓ ରଞ୍ଜନ କୁମାର ନାହାକ, ବିପିସି ବୃନ୍ଦାବନ ସାହୁ, ଟିପିଏସଓଡିଏଲ ଯନ୍ତ୍ରୀ ଆଦିତ୍ୟ ପ୍ରସାଦ ଚୌଧୁରୀ, କ୍ଷୁଦ୍ର ଜଳ ସେଚନ ଯନ୍ତ୍ରୀ ସ୍ମୃତିରେଖା ନାୟକ, ପିଇଓ ସୁଦାମ ପ୍ରଧାନ, ଉଦ୍ୟାନ ଅଧିକାରୀ ସୁଭାଶିଷ ପାତ୍ରଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରହିବା ସହ ଅଭିଯୋଗ ଶୁଣାଣି କରିଥିଲେ। ସମୁଦାୟ ୧୨ଟି ଅଭିଯୋଗ ହୋଇଥିଲା।

**କୁକୁଡ଼ାଖଣ୍ଡି** : କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଲାଞ୍ଜିଆ ପଞ୍ଚାୟତରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଡା.ପଲ୍ଲବୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତହସିଲଦାର ରାଜକିଶୋର ପଟ୍ଟନାୟକ, ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ




ସୁପ୍ରଭା ସାହୁ, ବିଇଓ ସନ୍ତୋଷ କୁମାର ମହାପାତ୍ର, ସିଡ଼ିପିଓ କୁସୁମୀ ପାତ୍ର, ଯୋଗାଣ ଅଧିକାରୀ ସୁଧାକର ମଲ୍ଲିକ, ସଞ୍ଜୁକ୍ତା ପାତ୍ର, ମିଶନ ଶକ୍ତି ବିଭାଗର ସାଗରିକା ଦେବୀ, ପିଇଓ ଡି. ଟିନା, ଜେଇ ଇନ୍ଦିରା ପ୍ରିୟଦର୍ଶନୀ ମହାଙ୍କୁଡ଼, ସମିତି ସଭ୍ୟ କାହ୍ନୁ ପାତ୍ର, ସରପଞ୍ଚ ଅନୀଲ କୁମାର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୧୪୧ଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥିମଧ୍ୟରୁ ୩୮ ଟି ଅଭିଯୋଗର ଦ୍ରୁତ ଶୁଣାଣି ହୋଇଥିବା ବେଳେ ୭ଟି ବିଭିନ୍ନ ବିଭାଗକୁ ପଠାଯାଇଥିଲା। ଲାଞ୍ଜିଆ ଗ୍ରାମର ଭିନ୍ନକ୍ଷମ ମାମି ଗୌଡ଼ଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା। ଅଭିଯୋଗ ଗୁଡ଼ିକ ମଧ୍ୟରେ ପ୍ରଧାନମନ୍ତ୍ରୀ ଅବାସ, ପେନସନ୍ ପ୍ଲାନ୍, ଜଳସେଚନ ରୋଡ, ଶ୍ମଶାନକୁ ରାସ୍ତା ନିର୍ମାଣ, ଜଳସେଚନ ବିଭାଗ ପକ୍ଷରୁ ବିରିବାଡ଼ିଆରେ ନୂତନ ପାଣି ଟାଙ୍କି ନିର୍ମାଣ ଭଳି ବିଭିନ୍ନ ଅଭିଯୋଗ ରହିଥିଲା।

**ପୋଲସରା** : ପୋଲସରା ବ୍ଲକ ବୁଢେଇଶୁଣି ପଞ୍ଚାୟତରେ ଜନ ଶୁଣାଣି ଶିବିର ହୋଇଯାଇଛି। ବିଡ଼ିଓ ଶଶିଭୂଷଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ତହସିଲଦାର ଦୀପ୍ତିମୟୀ ପାତ୍ରଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ଯୋଗଦେଇଥିଲେ। ଏଥିରେ ମୋଟ ୩୦ଟି ଅଭିଯୋଗ ପଞ୍ଜିକରଣ ହୋଇଥିଲା।



ସ୍ଥାନୀୟସରପଞ୍ଚ ମନୋଜ କୁମାର ପରିଡ଼ା, ଏବିଡିଓ ସୋନମ୍ ବେହେରା, ବ୍ଲକ ପଶୁ ଚିକିତ୍ସା ଅଧିକାରୀ ଭକ୍ତ ଚରଣ ଦଳାଇ, ସିଡିପିଓ ତିଳୋତ୍ତମା ରାଉତ ଜନସାଧାରଣଙ୍କ ଅଭିଯୋଗ ଗ୍ରହଣ କରିଥିଲେ । ଖାଦ୍ୟଯୋଗାଣ ଅଧିକାରୀ ସନ୍ଦୀପ କୁମାର ବେହେରା, ପାନୀୟ ଜଳ ଯୋଗାଣ ସହକାରୀ ଯନ୍ତ୍ରୀ ସ୍ୱରୁପ ତ୍ରିପାଠୀ, ବ୍ଲକ ଯନ୍ତ୍ରୀ ରାମକୃଷ୍ଣ ଶବର, ସମେତ ବିଭିନ୍ନ ବିଭାଗର କର୍ମଚାରୀ ଜନଶୁଣାଣିରେ ଯୋଗଦେଇଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କାହ୍ନୁ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ଜନଶୁଣାଣୀ ଅଧିକାରୀ ଲିପ୍ସାରାଣୀ ଭଞ୍ଜ, ଏଡିଓ ସନ୍ତୋଷିନୀ ସାହୁ ସମେତ ଅଙ୍ଗନବାଡ଼ି କର୍ମୀ ଓ ବ୍ଲକର ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ ।

**ଆସିକା** : ଆସିକା ବ୍ଲକର ଚଢେଆପଲ୍ଲୀ ପଞ୍ଚାୟତରେ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ଜୟସେନ ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର ଅମରେଶ ସାବତ, ଏବିଡିଓ ସୁଶାନ୍ତ






କୁମାର ବେହେରା, ସମିତି ସଭ୍ୟ ରୀତା ଜେନା, ଯୋଗାଣ ଅଧିକାରୀ ଶର୍ମିଷ୍ଠା ଦଳବେହେରାଙ୍କ ସମେତ ବିଭିନ୍ନ ଅଧିକାରୀ ମାନେ ଉପସ୍ଥିତ ଥିଲେ। ୩୮ ଗୋଟି ଅଭିଯୋଗ ପଞ୍ଜିକରଣ ହୋଇଥିଲା। ପିଇଓ ସୁଭାଶିଷ ବେହେରାଙ୍କ ସମେତ ପଞ୍ଚାୟତବାସି ସହଯୋଗ କରିଥିଲେ।

# ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା: ୨ ମାମଲା ରୁଜୁ

**ବୁଗୁଡ଼ା, ୫।୧(ସମିସ):** ବୁଗୁଡ଼ା ଥାନା ଗୋଲିଆ ଗାଁ ଛକରେ ଗତ ଶୁକ୍ରବାର ରାତି ୮ଟା ବେଳେ ସଂଘବଦ୍ଧ ଆକ୍ରମଣରେ ସେହି ଗ୍ରାମ ତେଲୁଗୁ ସାହିର ଜଣେ ଯୁବକ ଗଣେଶ ମହାପାତ୍ର ଗୁରୁତର ହୋଇ ବ୍ରହ୍ମପୁର ମେଡିକାଲରେ ମରଣ ସହ ସଂଗ୍ରାମ କରୁଥିବା ଜଣାଯାଇଛି। ଏ ନେଇ ଗଣେଶଙ୍କ ମାଆ ଶାନ୍ତି ମହାପାତ୍ର ସଂଘବଦ୍ଧ ଆକ୍ରମଣରେ ଜଡ଼ିତ ମନେକରି ୧୩ ଜଣଙ୍କ ନାମରେ ଅଭିଯୋଗକ୍ରମେ ପୁଲିସ କେସ୍ ନଂ ୫/୨୬ରେ ଏକ ମାମଲା ରୁଜୁ କରିଛି। ଅନ୍ୟପକ୍ଷରେ ଗୀତାଞ୍ଜଳି ପୋଲେଇଙ୍କ ପକ୍ଷରୁ ୯ ଜଣଙ୍କ ନାମରେ ପାଲଟା ଅଭିଯୋଗ କ୍ରମେ ପୁଲିସ କେସ୍ ନଂ ୬/୨୬ରେ ଅନ୍ୟ ଏକ ମାମଲା ମଧ୍ୟ ରୁଜୁ କରିଥିବା ଜଣାଯାଇଛି। ପୁଲିସ ଉଭୟ ମାମଲାର ସତ୍ୟାସତ୍ୟକୁ ନେଇ ତଦନ୍ତ ଜାରି ରଖିଥିବା ବେଳେ କୌଣସି ଅଭିଯୁକ୍ତ ଗିରଫ ହୋଇ ନାହାନ୍ତି। ଫଳରେ ଗ୍ରାମରେ ଅଶାନ୍ତ ଓ ଆଶଙ୍କାର ବାତାବରଣ ସୃଷ୍ଟି ହୋଇଥିବା ବେଳେ ଗାଁ ଛକ ସନ୍ଧ୍ୟା ହେବା କ୍ଷଣି ଖାଲି ଖାଲି ଲାଗୁଛି ଏବଂ କୌଣସି ଗଣ୍ଡଗୋଳର ଭୟ କାରଣରୁ ସେହି ଛକ ଦେଇ ରାତିରେ ଟିଉସନରୁ ଫେରୁଥିବା ପିଲାଙ୍କୁ ଅଭିଭାବକଙ୍କ ସହଯୋଗ ଲୋଡିବାକୁ ପଡୁଛି। ଏଥି ସହ ରାତି ଗାଡ଼ିରେ ଯିବା ପାଇଁ ଛକରେ ଅପେକ୍ଷା କରିବାକୁ ଲୋକେ ଉଚିତ ମଣୁନାହାନ୍ତି। ଲୋକଙ୍କ ଆଶଙ୍କା ଦୂରୀକରଣ ଦିଗରେ ପୁଲିସ ଉଚିତ ପଦକ୍ଷେପ ଗ୍ରହଣ କରିବା ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ତେବେ ପ୍ରକାଶ ଯୋଗ୍ୟ ଯେ, ଗତ ଶୁକ୍ରବାର ରାତି ୮ଟା ସମୟରେ ଗଣେଶ ଗାଁ ଛକରେ ଠିଆ ହୋଇଥିବା ବେଳେ କେତେ ଜଣ ସଂଘବଦ୍ଧ ହୋଇ ତାଙ୍କୁ ଫାର୍ସା ଓ ଲୁହାରଡରେ ମରଣାନ୍ତକ ଆକ୍ରମଣ କରିଥିଲା ବେଳେ ତାଙ୍କର ବାମ ଗୋଡ ଓ ହାତ ଭାଙ୍ଗିଥିବା ସହ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା ଏବଂ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ଗତ ଶନିବାର ଦିନ ଗଣେଶଙ୍କ ମାଆ ଶାନ୍ତି ମହାପାତ୍ର ସଂଘବଦ୍ଧ ଆକ୍ରମଣରେ ଜଡିତ ବ୍ୟକ୍ତିଙ୍କ ବିରୁଦ୍ଧରେ ଥାନାରେ ଅଭିଯୋଗ କରିଥିବା ବେଳେ ଗିତାଞ୍ଜଳୀ ପୋଲେଇଙ୍କ ପକ୍ଷରୁ ମଧ୍ୟ ଏକ ପାଲଟା ଅଭିଯୋଗ ମଧ୍ୟ ହୋଇଥିବା ଜଣାଯାଇଛି।

